ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୫୮ ● ୨୭ ମାର୍ଚ୍ଚ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-58 ● 27th March 2025, Thursday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

୬

ଭାରତ ଆସିବେ ବିଶ୍ୱ ବିଜେତା ଲିଓନେଲ ମେସି

କେରଳରେ ଅନୁଷ୍ଠିତ ହେବ ଦୁଇଟି ମ୍ୟାଚ୍



ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚଦାବି ପାରିତ

ଆଇନ୍ ଶୃଙ୍ଖଳା ଓ ଦୁର୍ନୀତି ପ୍ରସଙ୍ଗରେ ବିରୋଧୀଙ୍କୁ ଟାର୍ଗେଟ୍ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬/୦୩
ନ୍ୟୁଜ ବ୍ୟୁରୋ

ବୁଧବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ସ୍ୱରାଷ୍ଟ୍ର ବିଭାଗ ସମ୍ପର୍କିତ ଖର୍ଚ୍ଚ ଦାବି ୧୦୫୯୪ କୋଟି ୭୨ ଲକ୍ଷ ୧୩ ହଜାର ଟଙ୍କାର ଏବଂ ୭୦୭ କୋଟି ୦୪ ଲକ୍ଷ ୮୯ ହଜାର ଟଙ୍କାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସମ୍ପର୍କିତ ଖର୍ଚ୍ଚ ଦାବି ଗୃହରେ ଆଗତ କରିଥିଲେ। ତେବେ ଏହି ସମୟରେ ବିରୋଧୀ ଦଳ ବିଜେଡ଼ି ବିଧାୟକମାନେ ନିଜ ନିଜ ଆସନରେ ଠିଆହୋଇ ବାଚସ୍ପତିଙ୍କ ବିବୃତ୍ତି ଦାବିରେ ନାରାବାଜି କରିବା ପରେ କକ୍ଷ ତ୍ୟାଗ କରି ଚାଲି ଯାଇଥିଲେ।

ଖର୍ଚ୍ଚଦାବି ଉପରେ ଦୀର୍ଘ ସମୟଧରି ଗୃହରେ ଆଲୋଚନା ହୋଇଥିଲା। କେବଳ ଶାସକ ଦଳର ବିଧାୟକ ଏଥିରେ ଭାଗ ନେଇଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖର୍ଚ୍ଚଦାବି ଆଲୋଚନାର ଉତ୍ତର ଦେବା ବେଳେ ଆରମ୍ଭରୁ ବିରୋଧିଦଳ ଉଭୟ ବିଜେଡି ଏବଂ କଂଗ୍ରେସ ଉପରେ ଭୀଷଣ ବର୍ଷିଥିଲେ। ଆଇନ୍ ଶୃଙ୍ଖଳା ରକ୍ଷା ଠାରୁ ଆରମ୍ଭ କରି ଦୁର୍ନୀତି ଆଦି ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ବିରୋଧିଦଳକୁ ବିଶେଷ କରି ବିଗତ ୨୪ବର୍ଷର ସରକାରକୁ ତୀବ୍ର ସମାଲୋଚନା କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଆସିବା ପରେ ମହିଳା ବିରୋଧୀ ଅପରାଧ କମିଛି। ପୂର୍ବସରକାର ତୁଳନାରେ ନୂଆ ସରକାର ଆସିବା ପରେ ରାଜ୍ୟରେ ୭.୪ ପ୍ରତିଶତ ହତ୍ୟା ମାମଲା କମିଛି। ସେହିପରି ନାବାଳିକା ଯୌନ ନିର୍ଯାତନା ୭.୭ କମିଥିବା ବେଳେ ଦୁଷ୍କର୍ମ ମାମଲା ୧.୭ ପ୍ରତିଶତ କମିଛି। ସେହିଭଳି ଅସଦାଚରଣ ମାମଲା ୩.୯ ପ୍ରତିଶତ, ଯୌନ ନିର୍ଯାତନା ୧୩.୫ ପ୍ରତିଶତ, ଶୋଷଣ ୨୨.୩ ପ୍ରତିଶତ, ମହିଳା ଚାଲାଣ ୩୫.୫ ପ୍ରତିଶତ କମିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ବିଜେପି ସରକାର ମହିଳା ବିରୋଧୀ ଅପରାଧ ଗୁଡ଼ିକୁ 'ରେଡ୍ ଫ୍ଲାଗ୍' ମାମଲା ଅନ୍ତର୍ଭୁକ୍ତ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଦୋଷୀ ସାବ୍ୟସ୍ତ ହାର ବଢ଼ିଛି । ଶୂନ୍ୟ ସହନଶୀଳତା ନୀତିରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାଓବାଦୀ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ୨୦୨୪ ମସିହାରେ ୦୬ ଜଣ ମାଓବାଦୀଙ୍କ ପ୍ରାଣହାନୀ ଘଟିଥିବା ବେଳେ ୦୮ ଜଣ ଗିରଫ ହୋଇଛନ୍ତି ଏବଂ ୨୪ ଜଣ ଆତ୍ମସମର୍ପଣ କରିଛନ୍ତି। ଚଳିତବର୍ଷ ଜାନୁଆରୀ ମାସରେ ନୂଆପଡା ଜିଲ୍ଲା ସୀମାନ୍ତ ଛତିଶଗଡ଼ ଅଞ୍ଚଳରେ ଓଡ଼ିଶା ପୁଲିସ, ଛତିଶଗଡ଼ ପୁଲିସ ଏବଂ ସିଆରପିଏଫ୍‌ର ମିଳିତ ଅଭିଯାନରେ ମାଓବାଦୀ ସଂଗଠନର ଜଣେ ବରିଷ୍ଠ କ୍ୟାଡର ସହ ୧୭ ଜଣ ମାଓବାଦୀଙ୍କୁ ନିପାତ କରାଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଅଛି । ଏହି ଅଭିଯାନରେ ଓଡ଼ିଶା ପୋଲିସର ଏସ.ଓ.ଜି (ସ୍ପେଶାଲ ଅପରେସନ ଗ୍ରୁପ) ଯବାନମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ନିଶା *(ପୃଷ୍ଠା ୭ରେ)*

ବିରୋଧୀଙ୍କ ବିଶୃଙ୍ଖଳା : ବିବୃତି ରଖିଲେ ବାଚସ୍ପତି

ଭୁବନେଶ୍ୱର, ୨୬/୦୩
ନ୍ୟୁଜ ବ୍ୟୁରୋ

ବିଧାନସଭାରେ କ୍ରମାଗତଭାବେ ଗତ କିଛିଦିନ ଧରି ବିରୋଧୀ କଂଗ୍ରେସ ବିଧାୟକମାନଙ୍କ ବିଶୃଙ୍ଖଳିତ ଆଚରଣ ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ଯଥାର୍ଥତା ସଂକ୍ରାନ୍ତରେ ବାଚସ୍ପତି ସୁରମା ପାଢୀ ବୁଧବାର ଗୃହକୁ ଅବଗତ କରାଇଛନ୍ତି। ଏନେଇ ପ୍ରମୁଖ ବିରୋଧୀ ଦଳ ବିଜେଡି ପକ୍ଷରୁ ମଙ୍ଗଳବାର ଠାରୁ ଗୃହରେ ବାରମ୍ବାର ଦାବି ଉଠାଯିବା ସହ ପ୍ରତିବାଦରେ କକ୍ଷତ୍ୟାଗ ମଧ୍ୟ କରାଯାଇଥିଲା।

ତେବେ ବାଚସ୍ପତି ଶ୍ରୀମତୀ ପାଢୀ ବୁଧବାର ଦ୍ୱିତୀୟାର୍ଦ୍ଧ ବୈଠକରେ ଗୃହରେ ବିବୃତି ପ୍ରଦାନ କରି କହିଥିଲେ ଯେ, ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ବିଧାନସଭା ଆରମ୍ଭରୁ ବିରୋଧୀ ଦଳ ଲଗାତର ଭାବେ ଗୃହରେ ବିଶୃଙ୍ଖଳିତ *(ପୃଷ୍ଠା ୭ରେ)*

DSPL-434

ଓଡ଼ିଶା ସରକାର

ବୟନିକା

Wear Your Heritage

ବିଶେଷ ରିହାତି ସମାରୋହର ଶୁଭାରମ୍ଭ

ସ୍ଥାନ : ବୟନ ଭବନ ପ୍ରାଙ୍ଗଣ, ସଚିବାଳୟ ମାର୍ଗ, ଭୁବନେଶ୍ୱର
ତା : ୨୭.୦୩.୨୦୨୫, ଅପରାହ୍ନ ୨.୦୦ ଘଟିକା ସମୟରେ

ମୁଖ୍ୟ ଅତିଥି
ଶ୍ରୀ ପ୍ରଦିପ ବଳ ସାମନ୍ତ
ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ, ଓଡିଶା

ଭବ୍ୟ ଉପସ୍ଥିତି
ଶ୍ରୀମତୀ ଗୁହା ପୁନମ ତାପସ କୁମାର, ଭା.ପ୍ର.ସେ.
କମିଶନର-ତଥା-ଶାସନ ସଚିବ,
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ , ଓଡିଶା ସରକାର

ଶ୍ରୀ ପ୍ରେମ ଚନ୍ଦ୍ର ଚୌଧାରୀ, ଭା.ପ୍ର.ସେ.
ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡିଶା ସରକାର

ଶ୍ରୀ ପ୍ରକାଶ ଚନ୍ଦ୍ର ମେହେର
ସଭାପତି, ବୟନିକା

ଏହି ଉତ୍ସବରେ ଯୋଗଦେବା ନିମନ୍ତେ ବିନମ୍ର ଅନୁରୋଧ

ବିଶେଷ ସରକାରୀ ରିହାତି
୨୦%+୧୦%+୫%
ବୟନିକାର ସମସ୍ତ ଶାଖା ଏବଂ ପ୍ରଦର୍ଶନୀ ପଡିଆ ଓ ଜନତା ମଇଦାନର ବୟନିକା ଷ୍ଟଲ୍‌ରେ ଉପଲବ୍ଧ
୨୭ ମାର୍ଚ୍ଚ ଠାରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ

ରାତ୍ରୀ ବଜାର (Night Bazar)
ବୟନିକା ଅନନ୍ୟ boyanika Exclusive
(ବୟନ ଭବନ, ଭୁବନେଶ୍ୱର)
ଅତିରିକ୍ତ ୫% ରିହାତି ଯଥା
୨୦%+୧୦%+୫%+୫%
୨୭ ମାର୍ଚ୍ଚ ଠାରୁ ୦୧ ଅପ୍ରେଲ (ସକାଳ ୭ ପର୍ଯ୍ୟନ୍ତ)
ସମୟ : ରାତ୍ର ୧୧ ରୁ ସକାଳ ୭ ପର୍ଯ୍ୟନ୍ତ

"ବୟନିକା ରେ ଗ୍ରାହକଙ୍କ ପଦାର୍ପଣ ବୁଣାକାରଙ୍କ ଆର୍ଥିକ ସ୍ଥିତିର ଅଭ୍ୟୁତ୍‌ଥାନ"

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡିଶା ସରକାର

OIPR : 31004/13/0093/2425

ଆଉ ୨ କଂଗ୍ରେସ ବିଧାୟକ ସସ୍‌ପେଣ୍ଡ

ଭୁବନେଶ୍ୱର, ୨୬/୩ ନ୍ୟୁଜ ବ୍ୟୁରୋ
ଏକ ଅଭାବନୀୟ ଘଟଣା କ୍ରମରେ ବୁଧବାର କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ରମେଶ ଚନ୍ଦ୍ର ଜେନାଙ୍କୁ ଗୃହରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ ପାଇଁ ବାଚସ୍ପତି ସୁରମା ପାଢୀ ସସ୍‌ପେଣ୍ଡ କରିଛନ୍ତି। ଦୀର୍ଘ ସପ୍ତାହେ କାଳ ଧରି ବିରୋଧୀ କଂଗ୍ରେସ ଦଳର ବିଧାୟକ ମାନଙ୍କ ହଙ୍ଗାମା, ନାରାବାଜି, ଘଣ୍ଟମାଡ଼, ପୋଷ୍ଟର ପ୍ରଦର୍ଶନ ଜରିଆରେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ପାଇଁ ବାରମ୍ବାର ଉଦ୍ୟମ କରାଯିବା ଘଟଣାରେ ବାଚସ୍ପତି କଠୋର ଆଭିମୁଖ୍ୟ ଗ୍ରହଣ କରି ଏପରି ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର ମଧ୍ୟ ଏପରି କାର୍ଯ୍ୟପାଇଁ ୧୨ଜଣ ବିଧାୟକଙ୍କୁ ସସ୍‌ପେଣ୍ଡ କରାଯାଇଥିଲା। ଏହାକୁ ନେଇ ଗୃହର ବାତାବରଣ ଉଷ୍ମ ହୋଇ ଉଠିଥିଲା। ମୁଖ୍ୟ ବିରୋଧୀ ଦଳ ବିଜେଡ଼ି ଏହାକୁ ନାପସନ୍ଦ କରିବା ସହ ଏଭଳି ଅଗଣତାନ୍ତ୍ରିକ ପଦକ୍ଷେପ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ଦର୍ଶାଇ ତୁରନ୍ତ ବାଚସ୍ପତି ଗତକାଲି କଂଗ୍ରେସ ବିଧାୟକମାନଙ୍କ ଉପରେ ହୋଇଥିବା ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ବିବୃତ୍ତି ଜରିଆରେ ପ୍ରଦାନ କରିବାକୁ ଦାବି ଉଠାଇ ପ୍ରତିବାଦ ଜଣାଇଥିଲେ। ଫଳରେ ଗୃହରେ ଏଥି ଯୋଗୁଁ ବାଦାନୁବାଦ ହଙ୍ଗାମା ସୃଷ୍ଟି ହୋଇଥିଲା। ଏହି ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ସେଥିରେ ସୁଫଳ ବାହାରି ନଥିଲା। ଯାହାଫଳରେ ଗୃହକୁ ପ୍ରଥାମାର୍ଦ୍ଧରେ ୬ ଥରରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିବାକୁ ପଡ଼ିଥିଲା।

ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ ହରୀଶ୍ ଟଣ୍ଡନ

କଟକ, ୨୬/୦୩
ନ୍ୟୁଜ ବ୍ୟୁରୋ
ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ୍ ହରିଶ୍ ଟଣ୍ଡନ। ରାଜ୍ୟପାଳ ହରିବାବୁ କୁମ୍ଭମ୍‌ପତି ମୁଖ୍ୟ ବିଚାରପତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହ ଦେଓ, ପ୍ରଭାତୀ ପରିଡା, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଆଡଭୋକେଟ ଜେନେରାଲ, ବରିଷ୍ଠ ଆଇନଜୀବୀ, ହାଇକୋର୍ଟ ବାର୍ ଆସୋସିଏସନ କର୍ମକର୍ତ୍ତା, ହାଇକୋର୍ଟର କର୍ମଚାରୀ ଏବଂ ରାଜ୍ୟର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ହାଇକୋର୍ଟ ପରିସରରେ ଏହି ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜଷ୍ଟିସ ଟଣ୍ଡନଙ୍କୁ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ସୁପ୍ରିମକୋର୍ଟଙ୍କ କଲେଜିୟମ ଗତ ୬ ତାରିଖରେ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। କେନ୍ଦ୍ର ସରକାରଙ୍କ ସହମତି ପରେ ରାଷ୍ଟ୍ରପତି ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ଏହା ପୂର୍ବରୁ କଲିକତା ହାଇକୋର୍ଟରେ ବରିଷ୍ଠ ବିଚାରପତି ଥିଲେ ଜଷ୍ଟିସ୍ ଟଣ୍ଡନ। ଗତ ଜାନୁଆରୀ ୧୯ ତାରିଖରୁ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓଡିଶା *(ପୃଷ୍ଠା ୭ରେ)*

ବିଧାନସଭା ଅଚଳ କରିବାକୁ ଷଡଯନ୍ତ୍ର କରୁଛି କଂଗ୍ରେସ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୬/୩
ନ୍ୟୁଜ ବ୍ୟୁରୋ
ଓଡ଼ିଶାରେ କଂଗ୍ରେସ ଦଳ ନିଜର ସ୍ଥିତିକୁ ବଞ୍ଚାଇବା ପାଇଁ ବିଧାନସଭାରେ ହାଇଡ୍ରାମା ଚଳାଇଛି। କଂଗ୍ରେସ ବିଧାୟକମାନେ ଅଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରି ଅଯଥାରେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ପାଇଁ ଏବଂ ବିଧାନସଭାରେ ଯେପରି ରାଜ୍ୟସ୍ୱାର୍ଥ ଜଡିତ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ଆଲୋଚନା ନ ହେବ ସେଥିପାଇଁ ଷଡଯନ୍ତ୍ର ଚଳାଇଛି । ଦିଲ୍ଲୀନେତାଙ୍କ ନିର୍ଦ୍ଦେଶରେ ଓଡ଼ିଶାରେ କଂଗ୍ରେସ ବିଧାୟକମାନେ ବିଧାନସଭାକୁ ଅଚଳ କରିବା ପାଇଁ ଯେଉଁ ହୀନ ଉଦ୍ୟମ ଚଳାଇଛନ୍ତି ତାହାକୁ ରାଜ୍ୟବାସୀ ବରଦାସ୍ତ କରିବେ ନାହିଁ ବୋଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି। ବୁଧବାର ଏଠାରେ ଶ୍ରୀ ହରିଚନ୍ଦନ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିଧାନସଭା ମଧ୍ୟରେ କଂଗ୍ରେସ ଦଳର ବିଧାୟକମାନେ ଅତ୍ୟନ୍ତ ଅଶାଳୀନ ଓ ଅଶୋଭନୀୟ ବ୍ୟବହାର କରିବା ସହ ବିଧାନସଭା ଚାଲିଥିବାବେଳେ ଘଣ୍ଟ -ଘଣ୍ଟା ବଜାଇବା, ଏହା ଏକ ଅଗଣତାନ୍ତ୍ରିକ ଓ ବଡ଼ ଅପରାଧ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସେମାନେ ସମ୍ପୂର୍ଣ୍ଣ ଘଟଣାର ଗୃହ କମିଟି ପାଇଁ ଯେଉଁ ଦାବି କରୁଛନ୍ତି, ତାହା ଆଯୌକ୍ତିକ। ସେହିମାନେ ଜାଣିଛନ୍ତି ଏହି ଘଟଣାରେ ଗୃହ କମିଟି କରାଯାଇପାରିବ ନାହିଁ, ଜାଣିକି ଅଛିଣ୍ଡା ଅଙ୍କ କହିଲେ ଆମକୁ ଗଣ୍ଡଗୋଳ ଓ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ସୁଯୋଗ ମିଳିବ।

ବିରୋଧୀ ଦଳ ବିଧାୟକ ମାନେ ଯେଉଁ ପ୍ରକ୍ରିୟାକୁ ଯାଉଛନ୍ତି ଏହା କେବଳ ବିଧାନସଭା କାଳଖଣ୍ଡ କିପରି ୱାସଆଉଟ୍ ହେଇଯିବ ଓ ବିଧାନସଭାର ସମୟ କେମିତି ନଷ୍ଟ ହେବ, ଏହା ହେଉଛି ତାଙ୍କର ସ୍ୱରଚିତ ଷଡ଼ଯନ୍ତ୍ର । ବିଧାନସଭାରେ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ସୁରକ୍ଷା ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ବିବୃତି ଜାଣିବା ପାଇଁ ସେମାନେ କେବେ ବି ଦାବି କରିନାହାନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଥିଲେ।

ଆଗାମୀ ଅଢ଼େଇ ବର୍ଷ-ମୀନରେ ଶନି



ବିଦୁଷୀ ଦୀପ୍ତିରେଖା (ପଞ୍ଜିକା ଗଣନକାର)

ଜ୍ୟୋତିଷଶାସ୍ତ୍ରର ପ୍ରମାଣ ଅନୁସାରେ ତା୨୯/୦୩/୨୦୨୫ରିଖ ଶନିବାର ନିଶାର୍ଦ୍ଧ ପୂର୍ବରୁ ଶନିଦେବ ପୂର୍ବଭାଦ୍ର ନକ୍ଷତ୍ର କୁମ୍ଭରାଶି ପରିତ୍ୟାଗ କରି ପୂର୍ବଭାଦ୍ର ନକ୍ଷତ୍ର ମୀନ ରାଶିକୁ ଚଳନ କରିବେ। ଅର୍ଥାତ ମୀନ ରାଶିରେ ଶନି ୩୦ ମାସ ଅବସ୍ଥାନ କରିବେ। ଏ କ୍ରମରେ ୨୦୨୭ ମସିହା ଅଗଷ୍ଟ ମାସ ପର୍ଯ୍ୟନ୍ତ ମୀନଶନି ଭୋଗ ହେବ। ମୀନ ରାଶିର ଅଧିପତି ଦେବଗୁରୁ ବୃହସ୍ପତି। ଗୁରୁଙ୍କ କ୍ଷେତ୍ରରେ ଶନିଙ୍କ ସ୍ଥିତି ଗୁରୁ ଚଣ୍ଡାଳ ଯୋଗ ବୋଲି ଗଣନା କରାଯାଇଥାଏ। ଏହି ଗୁରୁ ଚଣ୍ଡାଳ ଯୋଗରେ ଭୂପୃଷ୍ଠରେ ବିଭିନ୍ନ ବିପ୍ରାତ ଓ ଉତ୍ପାତ ସଂଘଟିତ ହୋଇଥାଏ। ପ୍ରାଚୀନ ଶାସ୍ତ୍ର ମତରେ ମୀନ ଶନି କାଳରେ ରାମରାବଣ ଯୁଦ୍ଧଠାରୁ ଆରମ୍ଭ କରି ମହାଭାରତ ଯୁଦ୍ଧ, ଦ୍ୱିତୀୟ ବିଶ୍ୱଯୁଦ୍ଧ, ଉଲ୍‌କାପାତରେ କ୍ଷୟକ୍ଷତି, ହିରୋସୀମା ନାଗାସାକିର ଧ୍ୱଂସଲୀଳା ପ୍ରଭୃତି ସଂଘଟିତ ହୋଇଥିଲା। ତେଣୁ ଚଳିତ ମୀନ ଶନି ସମୟ ମଧ୍ୟରେ ବିଭିନ୍ନ ପ୍ରକାର ଅଘଟଣ ଘଟିବ ଏଥିରେ ସନ୍ଦେହ ନାହିଁ। ଦେଶ ଦେଶ ମଧ୍ୟରେ ତିକ୍ତତା ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ଆମ ଦେଶରେ ଜନ ଅଶାନ୍ତି, ବ୍ୟୋମ ଦୁର୍ଘଟଣା ତଥା ପ୍ରାକୃତିକ ବିପର୍ଯ୍ୟୟରେ କ୍ଷୟକ୍ଷତିର ଆଶଙ୍କା। ବିଶ୍ୱର ଦକ୍ଷିଣ ପଶ୍ଚିମ ଭାଗରେ କଳାଗୋରା ଭେଦ ବୃଦ୍ଧି ପାଇବା ସହିତ ଯୁଦ୍ଧଖୋର ମନୋବୃତ୍ତି ଜାଗରିତ ହୋଇ ଧନଜୀବନ ହାନିକାରକ ହେବ।

ଦ୍ୱାଦଶ ରାଶି କଥାକୁ ବିଚାରକୁ ନେଲେ ଏ ଚଳନିରେ ଗୋଚର ମତେ ମକର, ତୁଳା, ମିଥୁନ ଓ ବୃଷ ରାଶି ଜାତ ବ୍ୟକ୍ତିମାନେ ଅଧିକରୁ ଅଧିକ ଶୁଭଫଳ ଲାଭ କରିବେ। ଏତଦ୍‌ଭିନ୍ନ ଅନ୍ୟରାଶିମାନେ ଅଶୁଭଫଳ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୭ ମାର୍ଚ୍ଚ ୨୦୨୫ ଗୁରୁବାର

।।।।।।।।।।।।।।।।।।।।।। ଭାରତୀୟ ନିର୍ବାଚନ କମିଶନଙ୍କ ତୃଣମୂଳ ସ୍ତରୀୟ ବୈଠକ ।।।।।।।।।।।।।।।।।।।।।।

ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ବ୍ୟବସ୍ଥିତ କରିବା ଉପରେ ଗୁରୁତ୍ୱ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ ତଥା ବ୍ୟବସ୍ଥିତ କରିବା ଉପରେ ଭାରତୀୟ ନିର୍ବାଚନ କମିଶନ ବିଶେଷ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏଥି ନିମନ୍ତେ ନିର୍ବାଚନ କମିଶନ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ତୃଣମୂଳ ସ୍ତରରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ପ୍ରତ୍ୟକ୍ଷ ବୈଠକ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଦେଶବ୍ୟାପୀ ୪୧୨୩ ନିର୍ବାଚନ ପଞ୍ଜିକରଣ ଅଧିକାରୀ ସେମାନଙ୍କ ନିଜ ନିଜ ବିଧାନସଭା ନିର୍ବାଚନମଣ୍ଡଳୀରେ ଯେକୌଣସି ବିଚାରାଧୀନ ପୋଲିଂ ବୁଥ୍ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ କରୁଛନ୍ତି । ସେହିପରି, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସ୍ତରରେ ସମସ୍ତ ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ପ୍ରଦେଶର ସମସ୍ତ ୭୮୮ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ୩୬ ଜଣ ସିଇଓଙ୍କୁ ଆରପି ଆଇନ୍ ୧୯୫୦ ଏବଂ ୧୯୫୧, ନିର୍ବାଚନ ପଞ୍ଜୀକରଣ ନିୟମ ୧୯୬୦, ନିର୍ବାଚନ ଆଚରଣ ନିୟମ ୧୯୬୧ ଏବଂ ସମୟ ସମୟରେ ଇସିଆଇ ଦ୍ୱାରା ଜାରି ମାନୁଆଲ୍, ମାର୍ଗଦର୍ଶିକା ଏବଂ ନିର୍ଦ୍ଦେଶାବଳୀର ଆଇନ୍‌ଗତ ଢାଞ୍ଚା ମଧ୍ୟରେ ଯଥାକ୍ରମେ ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶ ସ୍ତରରେ ଯେକୌଣସି ପଡ଼ିରହିଥିବା ସମସ୍ୟାର ସମାଧାନ ପାଇଁ ସମନ୍ୱୟ ବୈଠକ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକଗୁଡ଼ିକ ଜାତୀୟ/ରାଜ୍ୟ ସ୍ତରୀୟ

ରାଜନୈତିକ ଦଳଗୁଡ଼ିକର ସକ୍ରିୟ ଅଂଶଗ୍ରହଣ ସହିତ ଆରମ୍ଭ ହୋଇଥିବା ବେଳେ ସମଗ୍ର ଦେଶରେ ପ୍ରତ୍ୟେକ ଏସି, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଏପରି ସମସ୍ତ ବୈଠକ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ସମାପ୍ତ କରିବାକୁ ପଡିବ ବୋଲି ଭାରତୀୟ ନିର୍ବାଚନ କମିଶନ ତରଫରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚୀତ କରାଯାଇଛି । ଏହା ୪ ମାର୍ଚ୍ଚ, ୨୦୨୫ରେ ନୂଆଦିଲ୍ଲୀର ଆଇଆଇଆଇଡିଇଏମ୍ ଠାରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ସିଇଓ ଏବଂ ପ୍ରତ୍ୟେକ ରାଜ୍ୟରୁ ଜଣେ ଡିଇଓ ଏବଂ ଇଆର୍‌ଓଙ୍କ ସମ୍ମିଳନୀରେ ସିଇସି ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ କରାଯାଇଥିବା ଦର୍ଶା ଯାଇଛି । ରାଜନୈତିକ ଦଳ ଏବଂ ସେମାନଙ୍କର ପ୍ରାଧିକୃତ ପ୍ରତିନିଧି ଯେପରିକି ବୁଥ୍ ସ୍ତରୀୟ ଏଜେଣ୍ଟ (BLA), ପୋଲିଂ ଏଜେଣ୍ଟ, କାଉଣ୍ଟିଂ ଏଜେଣ୍ଟ ଏବଂ ନିର୍ବାଚନ ଏଜେଣ୍ଟଙ୍କର ନିର୍ବାଚନ ପରିଚାଳନା ସମେତ ବିଭିନ୍ନ ନିର୍ବାଚନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ଭୂମିକା ରହିଛି । ବିଧାନସଭା ନିର୍ବାଚନ ମଣ୍ଡଳୀ, ଜିଲ୍ଲା ଏବଂ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ବୈଠକରେ ସକ୍ରିୟ ଏବଂ ଉତ୍ସାହୀ ଅଂଶଗ୍ରହଣ ସହିତ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ଏହି ତୃଣମୂଳ ସ୍ତରୀୟ ସମ୍ପର୍କକୁ ସ୍ୱାଗତ କରାଯାଇଛି । କମିଶନ ସମସ୍ତ ଜାତୀୟ/ରାଜ୍ୟ ରାଜନୈତିକ ଦଳଗୁଡ଼ିକୁ ସମୟସୀମା ମଧ୍ୟରେ ଯେକୌଣସି ବିଚାରାଧୀନ ସମସ୍ୟାର ସମାଧାନ ପାଇଁ ନିର୍ବାଚନ କର୍ତ୍ତୃପକ୍ଷଙ୍କ ସହିତ ଏହି ସକ୍ରିୟ ତୃଣମୂଳ ସ୍ତରୀୟ ସମ୍ପର୍କର ଲାଭ ଉଠାଇବାକୁ ଆୟୋଗ ଦ୍ୱାରା ଆହ୍ୱାନ୍ କରାଯାଇଛି । ଏହି ମର୍ମରେ ଦେଶବ୍ୟାପୀ ରାଜନୈତିକ ଦଳ ବୈଠକର ଫଟୋଗୁଡ଼ିକ ଭାରତୀୟ ନିର୍ବାଚନ କମିଶନଙ୍କ ସରକାରୀ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍‌ରେ ଉପଲବ୍ଧ ରହିଥିବା ତଥା ଦେଖାଯାଇପାରିବ ବୋଲି ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି ।

ଓଡ଼ିଶାର ଝିଅକୁ ବାହା ହେବାକୁ ଆସି ଆନ୍ଧ୍ରର ବର ନିରାଶ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଆନ୍ଧ୍ରପ୍ରଦେଶର ଇଛାପୁରମ୍‌ରୁ ବାହାହେବା ପାଇଁ ଭୁବନେଶ୍ୱର ଆସିଥିଲା ବର । ନିର୍ବନ୍ଧ ସରିଲା । ହେଲେ ବାହାଘର ବେଳକୁ ଝିଅ କି ତାଙ୍କ ପରିବାର କେହି ଆଉ ଧରାଛୁଆଁ ଦେଲେନି । ଶେଷରେ ନିରାଶ ହୋଇ ପୁଅ ଓ ତାଙ୍କ ପରିବାର ତିନିଦିନ ହେଲାଣି ଭୁବନେଶ୍ୱରରୁ ଆଉ ଫେରିପାରୁ ନାହାନ୍ତି । ଏଭଳି ଏକ ଘଟଣା ନୂଆପଲ୍ଲୀ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା ବେଳେ କରିତ୍‌କର୍ମା ଝିଅ ଓ ତାଙ୍କ ପରିବାରକୁ ପୋଲିସ୍ ଖୋଜିବାରେ ଲାଗିପଡ଼ିଛି । ପୋଲିସ୍ ଠୁ ମିଳିଥିବା ସୂଚନା ଅନୁସାରେ, ୧୯ ତାରିଖରେ ପୁଅ ଓ ତାଙ୍କ ପରିବାର ଭୁବନେଶ୍ୱରରେ ପହଞ୍ଚିଥିଲେ । ରେଣ୍ଟାଲ୍ କଲୋନୀ ସ୍ଥିତ ଝିଅ ଘରେ ଦେଖାସାକ୍ଷତ ହେବା ପରେ ୨୧ ତାରିଖରେ ଏକ ହୋଟେଲ୍‌ରେ ନିର୍ବନ୍ଧ ହୋଇଥିଲା । ନିର୍ବନ୍ଧ ବେଳେ ଡିମାଣ୍ଡ ମୁତାବକ ୩ ଲକ୍ଷ ଟଙ୍କାର ଗହଣା, ନଗଦ ୧ ଲକ୍ଷ ଟଙ୍କା, ୨୦ ହଜାର ଟଙ୍କାର ରୁପା ଗହଣା ଝିଅପକ୍ଷଙ୍କୁ ଦିଆଯାଇଥିଲା । ୨୩ ତାରିଖରେ ଭୁବନେଶ୍ୱର କୋର୍ଟରେ ବାହାଘର ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ମାତ୍ର ବିବାହ ଦିନ ଝିଅ କିମ୍ବା ତାଙ୍କ ପରିବାର ଲୋକ ଆଉ କୋର୍ଟକୁ ଆସିଲେନି । ଏନେଇ ମଧ୍ୟସ୍ଥି ମାଧ୍ୟମରେ କନିଆ ଘର ସହ ଯୋଗାଯୋଗ କରିବାରୁ ସେମାନେ ଝିଅକୁ ଆଉ ବାହା ଦେବେ ନାହିଁ ବୋଲି କହିଥିଲେ । କିନ୍ତୁ ନିର୍ବନ୍ଧ ବେଳେ ଦିଆଯାଇଥିବା ଟଙ୍କା ଓ ଗହଣା ଫେରାଇବାକୁ ମନା କରିଦେଇଥିଲେ । ଠକେଇର ଶିକାର ହୋଇଥିବା ଜଣାପଡ଼ିବା ପରେ ପୁଅ ଘର ଲୋକ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସର ପ୍ରାଥମିକ ଯାଞ୍ଚରୁ ସଂପୃକ୍ତ ଝିଅ ପୂର୍ବରୁ ବିବାହ କରିଥିବା ଜଣାପଡ଼ିଛି । ଏପରିକି ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇନଥିଲା ବେଳେ ଦ୍ୱିତୀୟ ବିବାହ ପାଇଁ ପୁଅ ପକ୍ଷଙ୍କୁ ଫସାଇ ଦେଇଥିଲେ ।

ରଣ ଖିଲାପକାରୀଙ୍କ ସଦସ୍ୟତା ରଦ୍ଦ କରିବାକୁ ଦାବି

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟ ଶରତ ଚନ୍ଦ୍ର ଦାସଙ୍କ ସଦସ୍ୟତା ରଦ୍ଦ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ଓ ସମବାୟ ସମିତି ସମୂହର ଜିଲ୍ଲା ଉପ ନିବନ୍ଧକ ସନ୍ତୋଷ କୁମାର ଦାଶଙ୍କ ନିକଟରେ ବହୁ ନିର୍ଦ୍ଦେଶକ ମଣ୍ଡଳୀର ସଭ୍ୟମାନେ ଲିଖିତ ଅଭିଯୋଗ କରି ଦାବି କରିଛନ୍ତି । ସେମାନଙ୍କ ଅଭିଯୋଗ ମୁତାବକ ନିର୍ଦ୍ଦେଶକ ଶ୍ରୀ ଦାସ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟ୍‌ରୁ ପ୍ରାୟ ୧୫ ଲକ୍ଷ ଟଙ୍କା ଋଣ ନେଇ ଋଣ ସୁଝିବାରେ ଖିଲାପ କରିଛନ୍ତି । ସମବାୟ ସମିତିର ଆଇନ୍ ମୁତାବକ ୧୯୬୨ ଧାରା ୨୮(୩)(୧) କୌଣସି ସମବାୟ ସମିତିର ସଦସ୍ୟ ହେବା ପାଇଁ ଯୋଗ୍ୟତା ହରାଇଛନ୍ତି । ତେଣୁ ଅବିଳମ୍ବେ ତାଙ୍କୁ ପ୍ରାଥମିକ କୃଷି ସେବା ସମବାୟ ସମିତିର ନିର୍ଦ୍ଦେଶକ ପଦବୀରୁ ବହିଷ୍କାର କରାଯିବାକୁ ଦାବି କରିଛନ୍ତି ।

ବିଜେପିରେ ପୂର୍ବତନ ସରପଞ୍ଚଙ୍କ ଯୋଗଦାନ

ରାଇଘର, ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ଭାରତୀୟ ଜନତା ପାର୍ଟି ତଥା ବିଜେପି ସରକାର ଆସିବା ପରେ ଚାରିଆଡେ ଏହି ନୂତନ ସରକାରଙ୍କ ପ୍ରଶଂସାର ଗାନ କରୁଛନ୍ତି ଲୋକେ । ବିଭିନ୍ନ ଦଳରୁ ବିଭିନ୍ନ ପାର୍ଟିରୁ ଲୋକେ ବିଜେପି ଦଳରେ ଯୋଗଦାନ କରୁଥିବାର ଦେଖିବାକୁ ମିଳିଛି । ଏହି ପରିପେକ୍ଷୀରେ ଓଡ଼ିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଯୋଡ଼େଙ୍ଗାର ପୂର୍ବତନ ସରପଞ୍ଚ ଟୁନୁ ଗଣ୍ଡ ତଥା ସରପଞ୍ଚ ଫୁଲସିଂ ଗଣ୍ଡଙ୍କ ଭାଇ ବିଜେଡ଼ି ତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି । ଉକ୍ତ ମିଶ୍ରଣପର୍ବରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସମ୍ପାଦକ ସନ୍ତୋଷ ମହାପାତ୍ର, ସାଂସଦ ପ୍ରତିନିଧି ପ୍ରୀତିସ୍ନିଗ୍ଧା ମହାପାତ୍ର, ବିଧାୟକ ପ୍ରତିନିଧି ଶିବନାଥ ବାନାର୍ଜୀ, ଯୋଡ଼େଙ୍ଗା ମଣ୍ଡଳ ସଭାପତି ସରୋଜ ଜେନା, ରାଇଘର ମଣ୍ଡଳ ସଭାପତି ସୁଶାନ୍ତ ସାମନ୍ତରାୟ, ବରିଷ୍ଠ ବିଜେପି କର୍ମୀ ବିଶ୍ୱନାଥ ସିଲ, ମନୋହର ଦଣ୍ଡସେନା, ମିହିର ଢାଳିଙ୍କ ସମେତ ସମସ୍ତ ବିଜେପି କର୍ମୀଙ୍କ ଉପସ୍ଥିତିରେ ଯୋଡ଼େଙ୍ଗାର ପୂର୍ବତନ ସରପଞ୍ଚ ଟୁନୁ ଗଣ୍ଡ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦେଲେ ।

ମଧୁବୈଶ୍ୟ ସମାଜର ୩ୟ ବାର୍ଷିକଉତ୍ସବ

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ନୀଳଉତ୍କଳ ମଧୁବୈଶ୍ୟସମାଜ ଧର୍ମଶାଳା ଶାଖାର ତୃତୀୟ ବାର୍ଷିକଉତ୍ସବ ରବିବାର ଦିନ ସ୍ଥାନୀୟ ଭାଲୁଖାଇ ଜଗନ୍ନାଥମନ୍ଦିର ପରିସରରେ ପ୍ରଫେସର ଡକ୍ଟର ରଘୁନାଥ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲା ସଂଯୋଜକ ଧୀରେନ୍ଦ୍ର କୁମାର ସାହୁ, ମୁଖ୍ୟଅତିଥି ସାହିତ୍ୟିକ ଭକ୍ତଚରଣ ସାହୁ ମୁଖ୍ୟବକ୍ତା, ନାରୀନେତ୍ରୀ ରେଖାଲତା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦାନକରି ଏହି ସମ୍ମିଳନୀ ସଂପ୍ରତି ଓ ସହଯୋଗର ପର୍ବ ବୋଲି ଅଭିହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସାହୁ, ପ୍ରାଧ୍ୟାପକ ଜଳଧର ସାହୁ, ବୀରକିଶୋର ସାହୁ, ଇଂ. ରବିନାରାୟଣ ସାହୁ, ଇଂ. ହରିହର ସାହୁ, ଇଂ. କଳ୍ପତରୁ ସାହୁ, ସୁନନ୍ଦ କୁମାର ସାହୁ, ଶିକ୍ଷକନେତା ସୁନାକର ସାହୁ, ହରିହର ସାହୁ, ମହେଶ୍ୱର ସାହୁ, ଜୟଗୁରୁ ପାତ୍ର, ପ୍ରମୋଦ କୁମାର ସାହୁ ପ୍ରମୁଖ ଯୋଗଦେଇ ମଧୁବୈଶ୍ୟ (ଗୁଡିଆ ସମାଜ)ର ବିକାଶ ପାଇଁ ମତରଖିଲେ । ଧର୍ମଶାଳା ଶାଖାର ଯୁଗ୍ମ ସମ୍ପାଦକ କାହ୍ନୁଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ଓ ରାମଚନ୍ଦ୍ର ସାହୁ ସ୍ୱାଗତଭାଷଣ ଦେଇଥିଲେ । ଶିକ୍ଷାବିତ ଅନନ୍ତଚରଣ ସାହୁ, ଡାକ୍ତର ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ମେଧାଛାତ୍ରୀ ଅଂଶୁପା ସାହୁ, ଡାକ୍ତର ରଜତ କୁମାର ସାହୁ, ଡାକ୍ତର ନବେଦିତା ସାହୁ, ଅଂଶୁପା ସାହୁ, ସ୍ୱାତୀ ସୁଦିପ୍ତା ସାହୁ, ସତ୍ୟରଞ୍ଜନ ସାହୁ, ବିଭୂତିଭୂଷଣ ବେହେରା, ସଂଗଠକ ଗୋକୁଳିଚରଣ ସାହୁ, ମିଠା ବ୍ୟବସାୟୀ ସୁରେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଇଯାଇଥିଲା । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଶାନ୍ତକୁମାର ସାହୁ ପରିଚାଳନା କରିଥିଲେ । ଶେଷରେ ସାବିତ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

୯୪,୪୭୪ କ୍ଷୁଦ୍ର ଚିଟ୍‌ଫଣ୍ଡ ଜମାକାରୀ ୪୫କୋଟି ୬୯ଲକ୍ଷ ଟଙ୍କା ଫେରିପାଇଲେ

କଟକ, ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୯୬ ହଜାର ୪୭୪ କ୍ଷୁଦ୍ର ଜମାକାରୀଙ୍କୁ ୪୫ କୋଟି ୬୯ ଲକ୍ଷ ୩୬ ହଜାର ୮୩୩ ଟଙ୍କା ପ୍ରଦାନ କରାଯାଇଛି । କିନ୍ତୁ ଚିଟ୍‌ଫଣ୍ଡ ତଦନ୍ତ କମିସନ ସରକାରଙ୍କ ନିକଟରେ ୭ଟି ଅନ୍ତରୀଣ ରିପୋର୍ଟ ଉପସ୍ଥାପନ କରି ୪ ଲକ୍ଷ ୭୨ ହଜାର ୬୫୧ ଜଣ ଜମାକାରୀଙ୍କୁ ଅର୍ଥ ଫେରସ୍ତ ପାଇଁ ସୁପାରିସ କରିଥିଲେ । ଫଳରେ ଚିହ୍ନଟ କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରୁ ଆହୁରି ୩ ଲକ୍ଷ ୭୬ ହଜାର ୧୭୭ ଜଣ ସେମାନଙ୍କ ଅର୍ଥ ଫେରସ୍ତ ପାଇପାରି ନାହାନ୍ତି । ଜିଲ୍ଲା ଭିତ୍ତିରେ ଏହି ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରସ୍ତର ବ୍ୟବସ୍ଥା କରାଯାଇଥିଲେ ବି ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁନଥିବା ସ୍ପଷ୍ଟ ହୋଇଛି । ନୂଆ ସରକାର ଦାୟିତ୍ୱ ନେବାକୁ ଇତିମଧ୍ୟରେ ୧୦ ମାସ ବିତିବାକୁ ଯାଉଥିବା ବେଳେ ୧୮ ମାସ ମଧ୍ୟରେ ସମସ୍ତ କ୍ଷୁଦ୍ର ଜମାକାରୀଙ୍କୁ ଅର୍ଥ ଫେରସ୍ତର ପ୍ରତିଶ୍ରୁତି କେମିତି ପୂରଣ ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଅନ୍ୟପଟେ କଟକରେ ଏଥିପାଇଁ ସ୍ୱତନ୍ତ୍ର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ଜମାକାରୀଙ୍କୁ ଚିହ୍ନଟ ପାଇଁ ଦରଖାସ୍ତ ଆହ୍ୱାନ୍ କରାଯାଇଥିଲା । ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୁଇଟି ଯାକ ସଂସ୍ଥାର ନିଲାମ ସମ୍ପତ୍ତିରୁ ଏଯାଏଁ ରୋଜଭ୍ୟାଲି ଗ୍ରୁପ୍‌ର ୧ ଲକ୍ଷ ୮୨ ହଜାର ୧୫୫ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୬୫ କୋଟି ୩୫ ଲକ୍ଷ ୯୨ ହଜାର ୪୭୬ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସର ନିଲାମ ଅର୍ଥରୁ ୨୪ ହଜାର ୮୨୫ ଜଣ କ୍ଷୁଦ୍ର ଜମାକାରୀଙ୍କୁ ୮ କୋଟି ୫୨ ଲକ୍ଷ ୬୪ ହଜାର ୧୨ ଟଙ୍କା ଫେରସ୍ତ କରାଯାଇଛି । ଏଭଳି ମୋଟାମୋଟି ଭାବେ ଆକଳନ କଲେ ଚିହ୍ନଟ ହୋଇଥିବା କ୍ଷୁଦ୍ର ଜମାକାରୀଙ୍କ ମଧ୍ୟରୁ ପ୍ରାୟ ୪ ଲକ୍ଷ ଜମାକାରୀ ସେମାନଙ୍କ ଟଙ୍କା ଫେରି ପାଇବା ଆଶାରେ ରହିଛନ୍ତି । ବିଧାନସଭାରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଏ ପ୍ରସଙ୍ଗରେ ପ୍ରଶ୍ନ କରି ନିର୍ଦ୍ଦିଷ୍ଟ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଉତ୍ତର ଲୋଡ଼ିଥିଲେ । ମୁଖ୍ୟମନ୍ତ୍ରୀ ଏ ସଂପର୍କରେ ତଥ୍ୟ ରଖିବା ସହିତ ଅର୍ଥ ରାଶି ଫେରସ୍ତ ପ୍ରକ୍ରିୟାକୁ ସରଳୀକରଣ ତଥା ତ୍ୱରାନ୍ୱିତ କରିବା ପାଇଁ ସରକାର ନୂଆ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରୁଛନ୍ତି ବୋଲି ସୂଚନା ଦେଇଛନ୍ତି ।

ଦିବଂଗତ ୩ ଅଧ୍ୟାପକଙ୍କୁ ଶ୍ରଦ୍ଧାଞ୍ଜଳି

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର ସ୍ଥିତ ଟେକ୍ସଟାଇଲ୍ ଟେକ୍ନୋଲୋଜି ପ୍ରତିଷ୍ଠାନର ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ପୁରାତନ ଛାତ୍ର ସଂସଦ ତରଫରୁ ଅନୁଷ୍ଠାନର ଦିବଙ୍ଗତ ୩ ଜଣ ଅଧ୍ୟାପକଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦ ସଦସ୍ୟ ମେଜର ସଚ୍ଚିଦାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ଶିକ୍ଷାବିତ୍ ବିଦ୍ୟାସାଗର, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ କାହ୍ନୁ ଚରଣ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ପୂର୍ବତନ ଅଧ୍ୟାପକ ସ୍ୱର୍ଗତ ଡ. ଗୌର ଗୋପାଳ ମହାନ୍ତି, ସ୍ୱର୍ଗତ ଅଜୟ ନନ୍ଦ ଓ ସ୍ୱର୍ଗତ ଶରତ ମହାପାତ୍ରଙ୍କ ସ୍ମୃତି ଚାରଣ କରିବା ସହିତ ସେମାନଙ୍କ ଭିତରେ ଥିବା ବିଦ୍‌ବତ୍ତା, ନୀତିନିଷ୍ଠା, ଛାତ୍ର ବତ୍ସଳତା ଓ ସେବାଭାବ ପାଇଁ ସେମାନେ ସମସ୍ତଙ୍କର ଅତିପ୍ରିୟ ହୋଇ ପାରିଥିଲେ ବୋଲି ମତବ୍ୟକ୍ତ କରିଥିଲେ । ବାଣୀପ୍ରଭା ମହାନ୍ତି, ଧୀର ଷଡ଼ଙ୍ଗୀ, ସ୍ତମ୍ଭକାର ଗୁରୁ କଲ୍ୟାଣ ମହାପାତ୍ର, ଭୈରବ ମାହାନ୍ତି, ଇଂ ପ୍ରଦ୍ୟୁମ୍ନ କାନୁନ୍‌ଗୋ, ବ୍ରଜେନ୍ଦ୍ର ଦାସ, କର୍ଣ୍ଣେଲ ସୌମିତ୍ର ଦାସ, ଦିବେଶ ସ୍ୱାଇଁ, ଇଂ ଅଜୟ କୁମାର ସ୍ୱାଇଁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଭୁକଲ୍ୟାଣ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ଶୁଣାଣି ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ପ୍ରମୋଦ କୁମାର ପୃଷ୍ଟି, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡାକ୍ତର ସର୍ବନା ବିବେକ ଏମ, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଦୀନା ଦସ୍ତଗୀର ଏହି ମିଳିତ ଅଭିଯୋଗ ଶୁଣାଣିରେ ମୋଟ୍ ୧୦୫ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ବ୍ୟକ୍ତିଗତ ଅଭିଯୋଗ ୧୦୧ଟି ଏବଂ ସାମୁହିକ ଅଭିଯୋଗ ୪ଟି ଥିଲା । ଦୁଇ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୫୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା ଓ ଅତିରିକ୍ତ ଜିଲ୍ଲାପାଳ ତ୍ୱରିତ ୭ଟି ଅଭିଯୋଗ ଫଏସଲା କରିଥିଲେ ଓ ଆବେଦନ ଗୁଡ

31 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୨୭ ମାର୍ଚ୍ଚ ୨୦୨୫ ଗୁରୁବାର

ବୌଦ୍ଧ ରେଳ ଷ୍ଟେସନ୍ ପରିଦର୍ଶନ କଲେ ରେଳ ସୁରକ୍ଷା କମିଶନର

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ନିରାପତ୍ତା ଯାଞ୍ଚ ପାଇଁ ବୌଦ୍ଧ ଗସ୍ତରେ ଆସିଥିବା ରେଳପଥ ସୁରକ୍ଷା କମିଶନର ବ୍ରିଜେଶ କୁମାର ମିଶ୍ର ନିର୍ମାଣାଧୀନ ବୌଦ୍ଧ ରେଳ ଷ୍ଟେସନ୍ ପରିଦର୍ଶନ କରିଥିଲେ । ପ୍ରାୟ ଶତାଧିକ ଅଧିକାରୀ ଓ ବୈଷୟିକ କର୍ମଚାରୀଙ୍କ ସହ ଏକ ସ୍ୱତନ୍ତ୍ର ରେଳରେ ଆସି ପହଞ୍ଚିବା ପରେ ଷ୍ଟେସନ୍ କାର୍ଯ୍ୟାଳୟ କୋଠା ବୁଲି ଦେଖିଥିଲେ । ବୌଦ୍ଧ ଷ୍ଟେସନ୍ ଠାରେ ଦାୟିତ୍ୱରେ ଥିବା ପୂର୍ବତଟ ରେଳପଥ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏଥିସହିତ ବୌଦ୍ଧ ରେଳଷ୍ଟେସନ୍ ଠାରୁ ପୁରୁଣାକଟକ ଷ୍ଟେସନ୍ ପର୍ଯ୍ୟନ୍ତ ନିର୍ମାଣାଧୀନ ଖୋର୍ଦ୍ଧା - ବଲାଙ୍ଗୀର ବ୍ରଡଗଜ ରେଳପଥର ନିରାପତ୍ତା ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି । ରେଳ ନିରାପତ୍ତା କମିଶନର ବ୍ରିଜେଶ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ବହୁ ସଦସ୍ୟ ବିଶିଷ୍ଟ ବୈଷୟିକ ବିଶେଷଜ୍ଞ ଟିମ୍ ରେଳପଥ ନିର୍ମାଣର ନିରାପତ୍ତା ଯାଞ୍ଚ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । କମିଶନରଙ୍କ ସହ ଆସିଥିବା ଟିମ୍ ୭ ଗୋଟି ମୋଟର ଟ୍ରଲିରେ ବୌଦ୍ଧ ଷ୍ଟେସନ୍ ଠାରୁ ପୁରୁଣାକଟକ ଷ୍ଟେସନ୍ ଅଭିମୁଖେ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ କରିଛନ୍ତି ।

ଅଗ୍ନିବୀର ଯୋଜନା ମାଧ୍ୟମରେ ସମ୍ବଲପୁରରେ ଆର୍ମି ନିଯୁକ୍ତି ପଞ୍ଜୀକରଣ ଆରମ୍ଭ

କେନ୍ଦୁଝର, ନ୍ୟୁଜ୍

ଅନୁଗୁଳ, ବରଗଡ, ବଲାଙ୍ଗିର, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ ଜିଲ୍ଲାର ଯୋଗ୍ୟ ପ୍ରାର୍ଥୀଙ୍କ ନିମନ୍ତେ ଅଗ୍ନିପଥ ଯୋଜନା ମାଧ୍ୟମରେ ଭାରତୀୟ ସ୍ଥଳ ସେନା ନିଯୁକ୍ତି ପଞ୍ଜିକରଣ ଆରମ୍ଭ ହୋଇଥିବାର ଜଣାପଡିଛି । ଏହି ଆର୍ମି ନିଯୁକ୍ତି ପଞ୍ଜୀକରଣ ମାର୍ଚ୍ଚ ମାସ ୧୨ ତାରିଖ ଠାରୁ ଆରମ୍ଭ ହୋଇଛି ଯାହା ଅପ୍ରେଲ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥି ନିମନ୍ତେ ପ୍ରାର୍ଥୀମାନଙ୍କୁ ୨୫୦ ଟଙ୍କା ଫି ଦେୟ ପଡିବ । ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା ଏବଂ ଅନ୍‌ଲାଇନ୍ ପରୀକ୍ଷା ଅନୁସାରେ ପ୍ରାର୍ଥୀ ମାନେ ନିଯୁକ୍ତି ପାଇବେ । ରାଲି ବିଜ୍ଞାପନ ଜଏନ୍ ଇଣ୍ଡିଆନ ଆର୍ମି ଓୱେବସାଇଟ୍ www.joinindianarmy.nic.in ଦେଖିପାରିବେ । ଆବେଦନ କରିବା ପାଇଁ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ବାଧ୍ୟତାମୂଳକ ଅଟେ। ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ଅପ୍ରେଲ ୧୦ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ଆର୍ମି ନିଯୁକ୍ତି ରାଲି ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ପ୍ରାର୍ଥୀମାନଙ୍କ ପଞ୍ଜିକୃତ ଇ –ମେଲ୍‌ରେ ପ୍ରବେଶ ପତ୍ର ପ୍ରେରଣ କରାଯିବ ବୋଲି ସମ୍ବଲପୁର ଏଆରଓ ଜଣାଇଛନ୍ତି । ପ୍ରାର୍ଥୀମାନଙ୍କ କୌଣସି ଅସୁବିଧା ନିମନ୍ତେ ୦୬୬୩-୨୫୨୦୮୪୫ ନମ୍ବରରେ ଯୋଗାଯୋଗ କରିପାରିବେ ।

।।।।।।।।। ରାମନବମୀ ଓ ହନୁମାନ ଜୟନ୍ତୀ ପାଇଁ ଶାନ୍ତି କମିଟି ବୈଠକ ।।।।।।।।।

ପାର୍ବଣରେ ଭକ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି ହେବ:ଜିଲ୍ଲାପାଳ

ବାଲେଶ୍ୱର, ନ୍ୟୁଜ୍

ଆସନ୍ତା ୫ ଓ ୬ ତାରିଖରେ ପାଳନ ହେବାକୁଥିବା ରାମ ନବମୀ ଓ ୧୪ ତାରିଖରେ ପାଳନ ହେବାକୁ ଥିବା ହନୁମାନ ଜୟନ୍ତୀ ଉତ୍ସବକୁ ଦୃଷ୍ଟିରେ ରଖି ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଭାରପ୍ରାପ୍ତ ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟ, ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସ ଓ ଆଇପିଏସ୍ ପ୍ରୋବେସନ୍‌ର ଅର୍ଚ୍ଚିତା ମିତ୍ତଲ ପ୍ରମୁଖ ମଞ୍ଚାସୀନ ଥିଲେ ଓ ଏଥି ସହିତ ପାନୀୟଜଳ, ସ୍ୱାସ୍ଥ୍ୟ, ପୋଲିସ, ବିଦ୍ୟୁତ, ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ଧାର୍ମିକ ଏବଂ ଗୋଷ୍ଠୀଙ୍କ ପ୍ରତିନିଧି ଏବଂ ଅନ୍ୟାନ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ । ପୂଜା ପାର୍ବଣ ସମୟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସଦର ମହକୁମାକୁ ଆସୁଥିବା ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବାପାଇଁ ସମସ୍ତ ପ୍ରକାରର ଆବଶ୍ୟକୀୟ ବ୍ୟବସ୍ଥା କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ବିକାଶ ମତ ପ୍ରକାଶ କରିଥିଲେ ଓ ଅନୁରୂପ ଭାବରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ଉପରେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରସାଦ ଗୁରୁତ୍ୱାରୋପ କରିଥିଲେ । ରାମନବମୀ ଉପଲକ୍ଷେ ଆସନ୍ତା ୫ ତାରିଖରେ ହେବାକୁ ଥିବା ମୋଟର ସାଇକଲ ରାଲି ନିମନ୍ତେ ଅପରାହ୍ନ ୩ ଘଟିକାରୁ ୬ ଘଟିକା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଛି ଓ ସେହିଭଳି ଆସନ୍ତା ୬ ତାରିଖରେ ପଦଯାତ୍ରା ଚୂଡାନ୍ତ କରାଯାଇଛି ଓ ମୋଟର ସାଇକଲ ରାଲି ଓ ପଦଯାତ୍ରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବାକୁ ଏବଂ ଡି.ଜେ ମ୍ୟୁଜିକ୍ ସିଷ୍ଟମ୍ ଉପରେ ସମ୍ପୂର୍ଣ୍ଣ କଟକଣା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା । ଝାଙ୍କିର ଉଚ୍ଚତା ଭୂମିପୃଷ୍ଠରୁ ୮ ଫୁଟ୍ ମଧ୍ୟରେ ରହିବ ଓ ଯାତ୍ରା ବେଳେ କୌଣସି ପ୍ରକାରର ତୀକ୍ଷ୍ଣ ଧାରଯୁକ୍ତ ଖଣ୍ଡା, ଅସ୍ତ୍ରଶସ୍ତ୍ର ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ଉକ୍ତ ସମୟରେ ମାଦକ ଦ୍ରବ୍ୟ ଓ ମଦ ବିକ୍ରୟ ଉପରେ କଟକଣା ଲଗାଯିବା ନେଇ ସ୍ଥିର କରାଯାଇଥିଲା ଓ ଗ୍ରୀଷ୍ମ ପ୍ରବାହ ସମୟରେ ଉପସ୍ଥିତ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ଜଳ କେନ୍ଦ୍ର ଏବଂ ଚିକିତ୍ସା ସୁବିଧାର ବ୍ୟବସ୍ଥା କରାଯିବାର ସୂଚନା ଦିଆଯାଇଥିଲା। ଟ୍ରାଫିକ୍ ପରିଚାଳନା ଓ ଭିଡ଼ ନିୟନ୍ତ୍ରଣକୁ କଡ଼ାକଡ଼ି ଲାଗୁ କରିବା ପାଇଁ ପୋଲିସ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବ। ଆସନ୍ତା ପର୍ବଗୁଡିକୁ ଆନନ୍ଦ ଉଲ୍ଲାସ ତଥା ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ବିକାଶ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବାଣ୍ଟିଲେ ଜିଲ୍ଲାପାଳ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସହାୟକ ଉପକରଣ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଳାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ସହ ଭିନ୍ନକ୍ଷମ କଲ୍ୟାଣ ପାଇଁ ଜିଲ୍ଲା ପ୍ରଶାସନ ନେଇଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମୋଟ ୧୭ ଜଣଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ସଂପନ୍ନ କରାଯାଇଥିଲା ।

୮୫ କେଜି ଗଞ୍ଜେଇ ସହ ଟ୍ରକ୍ ଜବତ:୨ ଗିରଫ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗର ଚଢ଼ଉରେ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିବା ଜଣାପଡିଛି । ଏହା ସହ ଏଥିରେ ସମ୍ପୃକ୍ତ ଥିବା ଗୋଟିଏ ଟ୍ରକ ଓ ରାଜ୍ୟ ବାହାରର ୨ଜଣଙ୍କୁ ଗିରଫ କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗର ଚଢ଼ଉ । ୮୫ କେଜି ଗଞ୍ଜେଇ ସହ ଟ୍ରକ ଜବତ ୨ ଗିରଫ ସୋନପୁର ଅବକାରୀ ବିଭାଗ ସୋନପୁର – ବଲାଙ୍ଗୀର ଯାତୀୟ ରାଜପଥରେ ପାଟ୍ରୋଲିଙ୍ଗ କରୁଥିବା ସମୟରେ ସନ୍ଦେହରେ ତରଭା ଛକ ଠାରେ ଏକ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ଏହି ଟ୍ରକ୍‌ରୁ ୮୫ କେଜି ଗଞ୍ଜେଇ ବାହାରି ଥିଲା । ଫଳରେ ଗାଡିରେ ଥିବା ଡ୍ରାଇଭର ଓ ଅନ୍ୟ ଜଣକୁ ଗିରଫ କରିଛି ଅବକାରୀ ବିଭାଗ । ସେମାନେ ହେଲେ ବିହାର ପାଟନା ଜିଲ୍ଲା ମାଲସଲାମି ଥାନା ରହମାନପୁର କଟ୍ରା ବଜାରର ପ୍ରଦୀପ ବର୍ମା ଓ ବିନୋଦ କୁମାର ବୋଲି ଜଣାପଡିଛି । ଏହି ସବୁ ଗଞ୍ଜେଇ ବୌଦ୍ଧ ଜିଲ୍ଲାରୁ ସୋନପୁର ବଲାଙ୍ଗୀର ଦେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ସୂଚନା ଦେଇଛନ୍ତି ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ।

୨୫ ବର୍ଷ ହେଲା ୫୦ ଦଳିତ ପରିବାର ଗାଁରୁ ବିତାଡିତ

ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ

ଗତ ୨୦୦୦ ମସିହାରେ ଜାତିଗତ ଘୃଣା କାରଣରୁ ଆସିକା ବ୍ଲକ୍ ବାଲିଛାଇ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଦଳିତ ପରିବାର ଗାଁରୁ ବିତାଡିତ ହୋଇଛନ୍ତି । ଏମାନଙ୍କୁ ଗାଁରେ ପୁନଃ ଥଇଥାନ ସହ ୮ ଦଫା ଦାବି ନେଇ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ଅଫିସ ଆଗରେ ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣ ଧାରଣା ଆରମ୍ଭ ହୋଇଥିଲା ପରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସହ ଏମାନଙ୍କ ଆଲୋଚନା ବୈଠକ ହୋଇଥିଲା । ଘର ନିର୍ମାଣ ପାଇଁ ଜମି ଚିହ୍ନଟ ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ କରି ଗାଁରେ ଥଇଥାନ କରିବା ଆଦି ନେଇ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ଏହି ବୈଠକରେ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର, ଆସିକା ବିଡ଼ିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ । ସେମାନେ ଦୀର୍ଘ ୨୫ ବର୍ଷ ଧରି ପ୍ରଶାସନ ଓ ପୋଲିସ ପାଖରେ ବାରମ୍ବାର ଫେରାଦ ହେଲେ ବି ସେମାନଙ୍କୁ ଗାଁକୁ ଫେରାଇ ନେବାରେ ବିଫଳ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ସେହି ପୀଡିତ ଦଳିତ ପରିବାର ମାନଙ୍କୁ ନ୍ୟାୟ ତଥା ଗାଁକୁ ଫେରାଇବାକୁ ଦାବିରେ ଗଞ୍ଜାମ ଜିଲ୍ଲା ଦଳିତ ମହାସଭା ଉଦ୍ୟମରେ ସମ୍ପୃକ୍ତ ପୀଡ଼ିତ ପରିବାରମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣ ଧାରଣା ଆରମ୍ଭ କରିଛନ୍ତି । ଗତ ୨୦୦୦ ରେ ଛୁଆଁ ଅଛୁଆଁ ଜାତିଗତ ଭେଦଭାବକୁ ନେଇ କିଛି ସବର୍ଣ୍ଣ ବ୍ୟକ୍ତି ମାନଙ୍କ ଦ୍ୱାରା ସାମାଜିକ ବାସନ୍ଦ କରାଯାଇଥିଲା ତଥା ଗାଁ ଦାଣ୍ଡରେ ସର୍ବସାଧାରଣ ରାସ୍ତାରେ ଯିବା ଆସିବା ମନା, ମନ୍ଦିର ଓ ହୋଟେଲ ପ୍ରବେଶ କରିବା ମନା, ସ୍କୁଲରେ ପିଲାମାନଙ୍କୁ ପାଠ ପଢିବା ମନା, ପୋଖରୀରେ ଗାଧୋଇବା, ନଳକୂପରୁ ପାଣି ଆଣିବା ମନା, ଦୋକାନରୁ ସଉଦା ଆଣିବା ମନା କରାଯାଇଥିଲା ତାପରେ ବାଲିଛାଇ ଗ୍ରାମର କିଛି ଅସାମାଜିକ ବ୍ୟକ୍ତି ଏକତ୍ରିତ ହୋଇ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଯଥା- ଠେଙ୍ଗା, ବାଡି, ଖଣ୍ଡାକାଟି, କୁରାଢି, ବନ୍ଧୁକ, ପିସ୍ତଲ ଓ ବୋମା ହାତରେ ଧରି ଚାଲ ଆଜି ସେମାନଙ୍କୁ ଜୀବନରେ ମାରି ଶେଷ କରିଦେବା କହି ଆମ୍ବ ସାହିରେ ପଶି ୫୦ ଗୋଟି ଅନସୂଚିତ ଜାତି ପରିବାରର ଆବାଳବୃଦ୍ଧ ବନିତା ସମସ୍ତଙ୍କୁ ରକ୍ତାକ୍ତ କରି ମରଣାନ୍ତକ ଆକ୍ରମଣ, ମହିଳା ଓ ଯୁବତୀ ମାନଙ୍କୁ ଟଣାଓଟରା ଓ ବଳାତ୍କାର ଉଦ୍ୟମ, ଘରର ସମସ୍ତ ମୂଲ୍ୟବାନ ଜିନିଷ ସହିତ ଧାନ, ଚାଉଳ, ମୁଗ, ବିରି, କୋଳଥ, ମାଣ୍ଡିଆ, ଆସବାବ ପତ୍ର ଓ ବିହନ ସବୁ ଲୁଟି ନେଲେ । ବୋମା ପକାଇ ପକ୍କାଘର ସହିତ ସମସ୍ତ ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗିଦେଲେ ଏବଂ ଶେଷରେ ସମସ୍ତ ପରିବାରର ସଦସ୍ୟଙ୍କୁ ଗ୍ରାମରୁ ଜୋରଜବରଦସ୍ତ ବାହାର କରିଦେଲେ ବୋଲି ଅଭିଯୋଗ କରିଛନ୍ତି ।

ଦୀନକୃଷ୍ଣଙ୍କ ସାହିତ୍ୟରେ ଭରି ରହିଛି ଭକ୍ତିଚେତନା

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସମର୍ପିତଭାବ ଓ ଅନନ୍ୟ ଭକ୍ତିରସର ପ୍ଲାବନରେ ଓଡ଼ିଆ ସାହିତ୍ୟକୁ ସିକ୍ତ କରିଛନ୍ତି ଭକ୍ତକବି ଦୀନକୃଷ୍ଣ । ତାଙ୍କ ରଚନାର ଛତ୍ରେ ଛତ୍ରେ ଭରି ରହିଛି ଅମୃତମୟ ଭକ୍ତିଚେତନା ବୋଲି ମତ ପ୍ରକାଶ ପାଇଛି । ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ'ର ରୌପ୍ୟଜୟନ୍ତୀ ଅବସରରେ ଜୟଦେବ ଭବନ ଠାରେ ଆୟୋଜିତ ହେଉଥିବା ପଞ୍ଚଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହର 'କୃଷ୍ଣକଲ୍ଲୋଳ' ଶୀର୍ଷକ ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥିଭାବରେ ଯୋଗଦେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର କବି ଦୀନକୃଷ୍ଣଙ୍କ ଲଳିତ-ମଧୁର ପଦଲାଳିତ୍ୟର ଅନୁଶୀଳନ ଓ ଅଧ୍ୟୟନ ଦ୍ୱାରା ଶାନ୍ତି ମିଳିଥାଏ ଓ ଆଧୁନିକ ସମୟରେ ଏହି ଶାନ୍ତିପ୍ରାପ୍ତି ହିଁ ଆମ ପ୍ରତ୍ୟେକଙ୍କ ଏକାନ୍ତ ପ୍ରୟୋଜନ ବୋଲି ମତ ରଖିବା ସହ ଭୁବନେଶ୍ୱର ଭଞ୍ଜଭାରତୀର ପଚିଶି ବର୍ଷାସର ଏଭଳି ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ । ସେହିପରି ବରେଣ୍ୟ ଅତିଥି ତଥା ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର କୁଳସଚିବ ବାମଦେବ ଆଚାର୍ଯ୍ୟ କବିଙ୍କ ଜଣାଣକୁ ପିଲାଦିନୁଁ ପଢିବାର ଅନୁଭୂତି ବଖାଣିବା ସହ ସଂଗୀତମୟ ଭକ୍ତିକାବ୍ୟ ନିର୍ମାଣରେ ଦୀନକୃଷ୍ଣଙ୍କ ପଟୁତା ଅନନ୍ୟ ବୋଲି କହିବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ସମୃଦ୍ଧି କାମନା କରିଥିଲେ । ସଭାର ବରେଣ୍ୟବକ୍ତା ତଥା ଶୈଳବାଳା ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟା ଡକ୍ଟର ସଞ୍ଜିତା ମିଶ୍ର ଦୀନକୃଷ୍ଣଙ୍କ ସାହିତ୍ୟରେ ନିର୍ମଳ ଭକ୍ତି ଚେତନାର ଅବତାରଣା କରିଥିଲେ । ସଭାର ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ କବି ଦୀନକୃଷ୍ଣଙ୍କ ରସକଲ୍ଲୋଳ ଗ୍ରନ୍ଥର ନାମକରଣର ଯଥାର୍ଥତାର ପ୍ରତିପାଦନ ସହ ତାଙ୍କର ଭକ୍ତିବୈଶିଷ୍ଟ୍ୟ ଓ ଆଧ୍ୟାତ୍ମିକ ଉତ୍ତରଣ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ସେ ପୁଣି କହିଥିଲେ ଯେ, ଏହି ପଞ୍ଚଦିବସୀୟ ସମାରୋହ ବାଣୀପୂଜାର ପଞ୍ଚ ଉପଚାର ସଦୃଶ । ସ୍ଥିତି ବା ଅସ୍ମିତାର ଗନ୍ଧ, ଭକ୍ତିର ପୁଷ୍ପ, ସ୍ମୃତିର ଧୂପ, ପ୍ରୀତିର ଦୀପ ଓ ନୀତିର ନୈବେଦ୍ୟକୁ ଆଲୋଚନା କରିବାର ଭିତ୍ତିରେ ଏହି ସମାରୋହରେ ପାଞ୍ଚଜଣ କବିଙ୍କ ସାହିତ୍ୟର ଅନୁଶୀଳନ କରାଯିବାର କାର୍ଯ୍ୟକ୍ରମ ରହିଛି । ପ୍ରାରମ୍ଭରେ 'ନାଦବ୍ରହ୍ମ' ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପିନୀ ମହାପାତ୍ର ମିନତି ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁରଙ୍କ ଦ୍ୱାରା ଭଞ୍ଜସଂଗୀତ ପରିବେଷିତ ହୋଇଥିଲା । ଭଞ୍ଜଭାରତୀର ସଦସ୍ୟ ଡକ୍ଟର ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମର ସଂଯୋଜନା ଓ ସଦସ୍ୟ ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଂପାଦିକା ଶୁଭଶ୍ରୀ ମିଶ୍ର, କୋଷାଧ୍ୟକ୍ଷା ଶୈଳଜା ମିଶ୍ରଙ୍କ ସମେତ ସଦସ୍ୟ ଦିଲୀପ ଦାସ, ଡକ୍ଟର ନୀଳମାଧବ ପ୍ରଧାନ, ସନ୍ତୋଷ ବେହେରା, ଗତିକୃଷ୍ଣ ଦାଶ, ବିନାୟକ ରଥ, ମାଳତୀ ତ୍ରିପାଠୀ, ଆଶୁତୋଷ ମହାସୁଆର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ବହୁସଂଖ୍ୟାରେ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଏହି ସମାରୋହ ଆଗାମୀ ମାର୍ଚ୍ଚ ୨୮ ତାରିଖ ଯାଏଁ ଚାଲିବ ।

ଓଡ଼ିଆ ସାହିତ୍ୟ ସମାରୋହର ଦ୍ୱିତୀୟ ଦିବସ

୧୨୩୦ କେଜି ଗଞ୍ଜେଇ ଜବତ:ଅଭିଯୁକ୍ତ କୋର୍ଟ ଚାଲାଣ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ବ୍ଲକ ବାଉଁଶୁଣୀ ପୋଲିସ ଦ୍ୱାରା ଉଡମିଲକ

ପକ୍ଷାତୀତ
31 YEARS
ସମ୍ବାଦ କଳିକା

ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ

ଭାରତର ଜି–୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି। ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩–୪ରୁ ୨୦୧୩–୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩–୧୪ରୁ ୨୦୨୨–୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧–୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨–୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ମା

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ

ଶ୍ରୀ ଅଭିରାମ ସରସ୍ୱତୀ

ତୋହରି ନାମକୁ ଭୁଲିବି ନାହିଁ
(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୭)

ଲୋଡା ନାହିଁ ମୋର ସାରା ଜଗତ ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତ
ଦୁଗସା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା'ମୁଁ
ତୋହରି ନାମକୁ ଭୁଲିବି ନାହିଁ (୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୧୦)

(କ୍ରମଶଃ)

ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ–୭୫୩୦୦୯
ମୋ : ୯୯୩୭୧୭୪୦୯୭

ଗଣତନ୍ତ୍ର ଶାସନ ଏବଂ ଆମ ଅସ୍ମିତା

କଥାରେ ଅଛି 'କହିଲେ କୂଳ ମୁଟୁମ୍ବକୁ ଲାଜ, ନ କହିଲେ କୂଳ ଭାସି ଯାଉଛି'। ଗଣତନ୍ତ୍ର ଶାସନ ଏଠି ସମସ୍ତେ ନିଜ ହାତରେ ନିଜେ ଚଉଦ ପା', କେହି କାହାକୁ ମାନିବାକୁ ପ୍ରସ୍ତୁତ ନୁହନ୍ତି । ଆମେ ସମସ୍ତେ ଦେଶର ନାଗରିକ ଆଉ ଆମ ସ୍ୱଳ୍ପ ବୁଦ୍ଧିରେ ଆମେ ଯାହା କରୁଛୁ ତା'ସବୁ ଶତ ପ୍ରତିଶତ ଠିକ୍ ବୋଲି ଭାବି ଥାଉ । ଯଦିବା ଜାଣି ଥାଉ ଯେ, କରୁଥିବା କାର୍ଯ୍ୟଟି ଭୁଲ ତଥାପି ଆମର ସେଥିପ୍ରତି ଖାତିର ନ'ଥାଏ, ନିୟମ କାନୁନ ସବୁ ଆମ ହାତ ମୁଠାରେ ଆମେ ଜନତା ଆଉ ଆମର ବଡ଼ ଭାଇ ନେତା, ତେଣୁ ଡର କାହାକୁ ଭୟ କାହାକୁ ? ଆଉ ଯଦି ଗାନ୍ଧୀ ମୁଣ୍ଡ ଥିବା ନୋଟ ଅଛି ତ' ଜଙ୍ଗଲରୁ ମଧ୍ୟ ବାଘ ଆସି ଘର ସାମ୍ନାରେ ବସି ଲାଙ୍ଗୁଡ଼ ହଲେଇବ,ଏହାହିଁ କିଛି ମୁଷ୍ଟିମେୟ ଜନତାଙ୍କ ଚିନ୍ତାଧାରା । ବିଚରା ନୀତି ନିୟମରେ ଚାଲୁଥିବା ଲୋକ ଗୁଡାକ ଦହଗଞ୍ଜରେ ଜୀବନ ବିତାନ୍ତି, ସେମାନେ ନୀତି ନିୟମରେ ଚାଲୁଥିବା ଏହି ଯୁଗର ବୋକା , ସେମାନେ ଆଇନକୁ ସମ୍ମାନ ଦିଅନ୍ତି, ନର୍ଦ୍ଧାରିତ ତାରିଖ ପୂର୍ବରୁ ସବୁ ଦେୟ ଦାଖଲ କରନ୍ତି , ନିଜର ସୀମିତ ଆୟରେ ନିଜ ପରିବାରକୁ ଶାନ୍ତିରେ ଚଳାଇବାରେ ସମର୍ଥ ହୁଅନ୍ତି , ମିଥ୍ୟା ଅଭିଜାତ୍ୟ ଠାରୁ ଦୂରରେ ରୁହନ୍ତି ଏବଂ ଶେଷରେ ସେହିମାନେ ହିଁ ଅନ୍ୟର ଚକ୍ଷୁଶୂଳ ହୁଅନ୍ତି । ସମସ୍ତଙ୍କ କ୍ରୋଧର ଶିକାର ଏହି ଗୋଷ୍ଠୀର ବ୍ୟକ୍ତିଙ୍କୁ ହେବାକୁ ପଡିଥାଏ , କଥାରେ ଅଛି "ଗରିବ ମାଇପ ସମସ୍ତଙ୍କର ...." । କ୍ଷମତା , ଅର୍ଥ , ପ୍ରତିପତ୍ତି ପଛରେ ଥିବା କରିତ୍ କର୍ମ୍ମୀ ବ୍ୟକ୍ତିଙ୍କ ସହଯୋଗରେ ଆଜି ବଳିୟାନ୍ ହୋଇଥିବା ବ୍ୟକ୍ତିଙ୍କର ଅଭାବ ନାହିଁ । ମିଳିମିଶି ଦେଶକୁ ଲୁଟିବା ଆଉ ଭାଗିଦାରୀ ପ୍ରକିୟାରେ ଦେଶର ଅର୍ଥନୀତିକୁ ନିଜ ଅକ୍ତିଆରରେ ରଖିଥିବା ବ୍ୟକ୍ତି ମାନେ ଆଜି ସମାଜରେ ଗଣ୍ୟମାନ୍ୟ, ବିଶିଷ୍ଟ ବ୍ୟକ୍ତିତ୍ୱ ଓ ପଦପଦବୀ ଯୁକ୍ତ । ଆମ ସରକାର 'ଗଣତନ୍ତ୍ର ସରକାର'(ଲୋକଙ୍କ ପାଇଁ, ଲୋକମାନଙ୍କ ଦ୍ୱାରା, ଲୋକ ମାନଙ୍କର) ଏହି ସରକାରଙ୍କ ଶାସନ ନିର୍ମଳ, ଲୋକାଭିମୁଖୀ ଓ ସର୍ବସାଧାରଣଙ୍କ ଦ୍ୱାରା ଆଦୃତ ହେବା ଉଚିତ । ସ୍ୱାସ୍ଥ୍ୟ, ଶିକ୍ଷା, ଉତ୍ତମ ଖାଦ୍ୟ, ଶାନ୍ତି ଶୃଙ୍ଖଳା, ଧନ ଜୀବନର ନିରାପତ୍ତା, ପରିବହନ, ଯାତାୟାତ, କୃଷି, ଶିଳ୍ପ, କର୍ମସଂସ୍ଥାନ ଓ ନ୍ୟାୟ ଇତ୍ୟାଦି ଯୋଗାଇବା ସରକାରଙ୍କ ଉତ୍ତମ ଶାସନ ଉପରେ ନିର୍ଭର କରେ । ଯେ କୌଣସି ଦେଶର ସରକାରଙ୍କ ଶାସନରେ କିଛି ନା କିଛି ତ୍ରୁଟି ବିଚ୍ୟୁତି ରହିଯାଏ, ଏହା ଏକ ସାଧାରଣ କଥା । ଶତ ପ୍ରତିଶତ ସେବା ଯୋଗାଇବା ଏବଂ ପାଇବା ସମ୍ଭବ ହୁଏ ନାହିଁ, କାରଣ ଏହା ମଝିରେ କିଛି ମାନବ ଜନିତ ତ୍ରୁଟି ତଥା କିଛି ପ୍ରାକୃତିକ ତ୍ରୁଟି ରହି ଯାଇ ଥାଏ । ସରକାର ତଥା ଜନତାଙ୍କ ଆଖି କାନ ହେଲେ ଗଣ ମାଧ୍ୟମ ଏବଂ ସମ୍ବାଦପତ୍ର । ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ଅନେକ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ, ପ୍ରତି କଥାରେ ସରକାରଙ୍କୁ ସଚେତନ କରିବା କୁଶାସନ ବିରୁଦ୍ଧରେ ଜନତାଙ୍କୁ ଜାଗ୍ରତ କରିବାର ଏକ ମାଧ୍ୟମ କହିଲେ ଅତ୍ୟୁକ୍ତି ହେବ ନାହିଁ କିନ୍ତୁ ଅନେକ କ୍ଷେତ୍ରରେ ଏହାର କାର୍ଯ୍ୟକାରିତା ସନ୍ଦେହ ଘେରକୁ ଆସି ଯାଉଛି । ବର୍ଷା ଯୁଆଡେ ଛତା ସେଆଡ଼େ ପରି କାର୍ଯ୍ୟକଳାପ ଜନତାଙ୍କୁ ଚକିତ କରି ଦେଉଛି । କିଛି ବିକୃତ ମାନସିକତାର ବ୍ୟକ୍ତି ନିଜର ସ୍ୱାର୍ଥ ପାଇଁ ସାଧାରଣ ଜନତାଙ୍କ ଧନ ଜୀବନ ସହିତ ଖେଳୁଛନ୍ତି, ପ୍ରାୟ ସବୁ ପ୍ରକାର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଆଜି 'ନକଲି'। ଖାଦ୍ୟ, ବସ୍ତ୍ର, ପାନୀୟ, ଔଷଧ, ନିର୍ମାଣ ସାମଗ୍ରୀ, ପିଲାଙ୍କ ବହିପତ୍ର, ଅଣ୍ଡା, ମାଛ, ମାଂସ ସବୁ ନକଲିରେ ପରିପୂର୍ଣ୍ଣ । ଚାକିରୀରେ ଠକେଇ, ବ୍ୟାଙ୍କରେ ଠକେଇ, ଚିଟଫଣ୍ଡ ଠକେଇ, ପିଲାଙ୍କ ଶିକ୍ଷାକୁ ନେଇ ବ୍ୟବସାୟ , ରୋଗୀର ଜୀବନକୁ ନେଇ ବ୍ୟବସାୟ , ନକଲି ଔଷଧ , ଡାକ୍ତରଙ୍କ କମିଶନ କଥା ନ'କହିଲେ ଭଲ, ବାବୁମାନଙ୍କର ଦପ୍ତର ଆସିବା ସମୟରେ ଠକେଇ ଇତ୍ୟାଦି ସତେ ଯେମିତି ଆମ ଦେଶରେ ଠକେଇର ଅନ୍ତ ନାହିଁ ଏବଂ ଆଗକୁ ସୁଧୁରିବାର ଆଶା ମଧ୍ୟ କ୍ଷୀଣ ବୋଲି ପ୍ରତୀୟମାନ ହୁଏ । ଆମ ଦେଶରେ ନିୟମ ଅନେକ, ଦଣ୍ଡର ମଧ୍ୟ ବ୍ୟବସ୍ଥା ଅଛି କିନ୍ତୁ ଧରିବ କିଏ ? କହିବ କିଏ ? ସରକାରୀ ବାବୁ ମାନଙ୍କର ଦରମା ତଥା ଭତ୍ତା ଜନ୍ମସିଦ୍ଧ ଅଧିକାର କିନ୍ତୁ ଦରମା ତୁଳନାରେ କ'ଣ ସେମାନେ ନିଜେ ନିଜର ଦାୟିତ୍ୱ ଠିକ୍ ରୂପେ କରୁଛନ୍ତି କି ? ପାନରୁ ଚୂନ ଖସିଗଲେ କର୍ମଚାରୀ ମାନେ ଦଳ ବଦ୍ଧ ଆନ୍ଦୋଳନକୁ ଓହ୍ଲାଇ ଆସୁଛନ୍ତି କିନ୍ତୁ ନିଜେ ଆତ୍ମ ସମୀକ୍ଷା କରନ୍ତୁ ତ', ସେମାନେ କେତେ ସେବା /କାମ କରୁଛନ୍ତି ? କେତେ ଉପୁରି ନେଉଛନ୍ତି ? ଲୋକଙ୍କ କେତେ କାମ ଅଫିସରେ ପଡି ରହିଛି ? ସବୁ ବିଭାଗର କର୍ମଚାରୀ ନିଜକୁ ନିଜେ ଯଦି ଠିକ୍ କରିବାକୁ ଚେଷ୍ଟିତ ହେବେ ତାହା ହେଲେ ହୁଏତ କିଛି ସୁଧୁରିବ । ବ୍ରିଟିଶ୍ ସରକାର ଦେଶରୁ ଚାଲି ଯାଇଛନ୍ତି ସାଙ୍ଗରେ ତାଙ୍କର ଶୃଙ୍ଖଳା, ସମୟାନୁବର୍ତ୍ତିତା ନେଇ ଯାଇଛନ୍ତି କେବଳ ଛାଡ଼ି ଯାଇଛନ୍ତି ବାବୁଗିରି, ଲାଞ୍ଚ, ଖଚ, ବକ୍ସିସ୍ , ଖୋଷାମଦ୍ ଏବଂ ପ୍ରୋଟୋକଲ୍ । ସରକାରଙ୍କ ବାବୁ ପ୍ରୀତି ବହୁତ, ବାବୁମାନେ ରାଗିଲେ କୁଆଡେ ସରକାର ଦୋହଲି ଯାଏ (ଏହା ଅତୀତରେ ବହୁ ପରୀକ୍ଷିତ), ତେଣୁ ବାବୁ ମାନଙ୍କୁ ସରକାର ଘଣ୍ଟ ଘୋଡେଇ ରଖିଛନ୍ତି । ସାଧାରଣ ଜନତା ଆଜି ମଧ୍ୟ ସେହି 'ରାଜତନ୍ତ୍ର' ଶାସନକୁ 'ଗଣତନ୍ତ୍ର' ନାମରେ ଅନୁଭବ କରୁଛନ୍ତି, ଦେଶର ଆର୍ଥିକ ସ୍ଥିତି ଅନେକ ବିଗିଡି ଗଲାଣି , ମାର୍କିନ ଡ଼ଲାର ବିନିମୟ ମୂଲ୍ୟ ଭାରତୀୟ ମୁଦ୍ରାରେ ଆଜି ୮୭ ଟଙ୍କାରେ ପହଞ୍ଚି ଯାଇଛି ଏବଂ ଆମେ ବସି ଦେଖୁଛୁ କେତେବେଳେ ଏହା ୧୦୦ ଟଙ୍କାରେ ପହଞ୍ଚି ଯିବ । ସରକାର ସଚେତନ ହେବାର ସମୟ ଉପନୀତ, ଚିରାଚରିତ ଢଙ୍ଗରେ ଶାସନ ନ' କରି କିଛିଟା ପରିବର୍ତ୍ତନ ଆମକୁ ନୂତନ ସକାଳର ନୂତନ ଆଲୋକ ଦେଖାଇ ପାରିବ । ସରକାରଙ୍କ ଦ୍ୱାରା ମାଗଣା ଦେବା , ରିହାତି ଦେବା ବ୍ୟବସ୍ଥା ସମ୍ପୂର୍ଣ୍ଣ ବନ୍ଦ କରି କର୍ମସଂସ୍ଥାନ ଯୋଗାଇବା ସହିତ ଦରଦାମ କମାଇବା ଉପରେ ଅଧିକରୁ ଅଧିକ ଗୁରୁତ୍ୱ ଦେବା ଶ୍ରେୟସ୍କର ହେବ । ପୃଥିବୀର ଅନେକ ଦେଶ ମାଗଣା ଯୋଜନାରେ ଆଜି ତଳି ତଳାନ୍ତ ହୋଇ ଯାଇଛନ୍ତି ସେଥି ମଧ୍ୟରୁ ଭେନେଜୁଏଲା ଅନ୍ୟତମ । ଚୋରା ନିଶା ବେପାରୀ ତଥା ନିଶା କାରବାରକୁ ଯଦି ସମ୍ପୂର୍ଣ୍ଣ ବନ୍ଦ କରାଯାଇ ପାରିବ ତେବେ ଭବିଷ୍ୟତର ଯୁବପିଢ଼ି ନିଶ୍ଚିତ ଭାବେ ଦେଶ ପାଇଁ ଗର୍ବ ହେବେ ଅନ୍ୟଥା ଦେଶ ଅରାଜକତା ଶୀର୍ଷ ସୀମାରେ ପହଞ୍ଚି ଯିବ । ଖଣି ମାଫିଆ ତଥା ଦୋଷୀଙ୍କୁ ଦଣ୍ଡ ଦେବା, ଦରଦାମ ଉପରେ ନିୟନ୍ତ୍ରଣ ରଖିବା, ବିଦେଶରୁ କଳାଧନ ଫେରାଇ ଆଣିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଦେଶରେ ଆର୍ଥିକ ପରିସ୍ଥିତିକୁ ସଜାଡ଼ିବା ସହିତ ଜନତାଙ୍କୁ ସୁଶାସନ ଦେଇ ଅଯଥା ହଇରାଣ ନ' କରିବାକୁ ବିନମ୍ର ଅନୁରୋଧ । ଉତ୍କଳ ଗୌରବ ମଧୁସୂଦନ ଦାସ ଲେଖି ଯାଇଛନ୍ତି ... 'ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେଦିନେ , ପୂରୁବ ଗୌରବ ପୂରୁବ ସାହସ ପଡ଼ିବକି କେବେ ମନେ ? 'ଏହି ଅସ୍ମିତା ଆମର ପାଥେୟ ହେବା ଉଚିତ ।

ନିହାର ରଞ୍ଜନ ପଟ୍ଟନାୟକ
ପ୍ରଫେସର
ପ୍ରାକ୍ତନ ନିର୍ଦ୍ଦେଶକ, ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା
ଫୋନ : ୯୮୬୧୦୬୪୯୫୦

ଡାକ୍ତର ଦେବେନ୍ଦ୍ର ପ୍ରଧାନ : ରାଜନୀତିର ଏକ ଅନିର୍ବାଣ ଶିଖା

ବ୍ୟକ୍ତି ଓ ବ୍ୟକ୍ତିତ୍ୱ ଦୁଇଟିର ବ୍ୟବହାରିକ ଭିନ୍ନତା ରହିଛି । ବ୍ୟକ୍ତିଟିଏ ଜନ୍ମ ନେଇ ସଂସାର ଭିତରକୁ ଚାଲିଆସେ । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ମାୟା ମୋହର ଇନ୍ଦ୍ରଜାଲ ମଧ୍ୟରେ ବାନ୍ଧି ହୋଇଯାଏ । ଜୀବନର ରଙ୍ଗମଞ୍ଚରେ ଭିନ୍ନଭିନ୍ନ ମୁଖା ପିନ୍ଧି ସେ ଅଭିନୟ କରିଥାଏ । ଶେଷରେ ମୁଖାଟି ଖସିପଡ଼େ। ମୃତ୍ୟୁ ତା' ପାଇଁ ନିକଟରୁ ନିକଟତର ହୁଏ, ପରିଶେଷରେ ଜୀବନର ଅନ୍ତ ଘଟେ। କିନ୍ତୁ ବ୍ୟକ୍ତିତ୍ୱ କହିଲେ ଭିନ୍ନ ଅର୍ଥ ବୁଝାଇଥାଏ। ବ୍ୟକ୍ତିତ୍ୱ ହେଲା ସମସ୍ତ ସତଗୁଣ ଧାରଣ କରିଥିବା ବ୍ୟକ୍ତ ବିଶେଷର ଉନ୍ନତ ଓ ସମୃଦ୍ଧ ଜୀବନ ଶୈଳୀ । ଯିଏ ସ୍ୱତନ୍ତ୍ର ବ୍ୟକ୍ତିତ୍ୱଧାରୀ ମଣିଷ, ସେ ନିଜେ ବଞ୍ଚି, ଅନ୍ୟକୁ ବଞ୍ଚି ରହିବାର ମାର୍ଗ ଦେଖାଏ। ଅନ୍ୟର ସେବାକରି ସେ ଆନନ୍ଦ ପାଏ। ମାତୃଭୂମିକୁ, ଜାତିକୁ, ଦେଶକୁ ନିଜ ଜୀବନଠାରୁ ଅଧିକ ଭଲ ପାଏ । ନିଜ ଜାତି, ନିଜ ଦେଶର ଉତ୍ଥାନ ପାଇଁ ସେ ସଂକଳ୍ପବଦ୍ଧ ହୁଏ ; ସଂକୀର୍ଣ୍ଣତା ଛାଡ଼ି, ଚତୁର୍ଦ୍ଦିଗରେ ଥିବା ମହାନତାକୁ ଉପଲବ୍ଧ କରେ, ସମଗ୍ର ଦେଶକୁ ନିଜ ପରିବାର ବୋଲି ଭାବେ । ସେପରି ବ୍ୟକ୍ତିଟିଏ ବାରି ହୋଇଯାଏ । ଏହିପରି ଏକ ମହାନ ବ୍ୟକ୍ତିତ୍ୱଧାରୀ ମଣିଷ ଥିଲେ ଡାକ୍ତର ଦେବେନ୍ଦ୍ର ପ୍ରଧାନ । ଆଜି ତାଙ୍କର ଅବର୍ତ୍ତମାନରେ ଆମେ ତାଙ୍କୁ ସ୍ମରଣ କରି ମନେ ପକାଉଛୁ ସତ, କିନ୍ତୁ ସେ'ତ ଚିର ଅମର, ଚିର ଭାସ୍ୱର । ଯାହାର ବ୍ୟକ୍ତିତ୍ୱ ଅସୀମ, ଅକଳନ, ଅବର୍ଣ୍ଣନୀୟ; ସେ' ଯେ କେବଳ ଅବିସ୍ମରଣୀୟ ନୁହନ୍ତି, ପ୍ରାତଃସ୍ମରଣୀୟ ମଧ୍ୟ । ତାଙ୍କର କୃତି ଓ କୀର୍ତ୍ତି ଅଲିଭା ଦୀପ ଭଳି ଆମ ସମସ୍ତଙ୍କୁ ଆଲୋକ ଦେଖାଉଥିବ, ଏହା ନିଃସନ୍ଦେହ ।

ଓଡ଼ିଶା ମାଟିର ସୁଯୋଗ୍ୟ ସନ୍ତାନ ଥିଲେ ଦେବେନ୍ଦ୍ର ପ୍ରଧାନ । ସେ ସ୍ୱପ୍ନ ଦେଖିଥିଲେ ଓଡ଼ିଶା ପରି ଏକ ଦରିଦ୍ର, ପଛୁଆ, ଅବହେଳିତ ତଥା ବନ୍ୟା, ବାତ୍ୟା, ମରୁଡି ପ୍ରପୀଡିତ ରାଜ୍ୟର ଉନ୍ନତି ଓ ସମୃଦ୍ଧି । ଜନସେବା ତାଙ୍କର ଥିଲା ସାଧନା ଓ ତପସ୍ୟା । ଡାକ୍ତର ହୋଇ ଲୋକଙ୍କ ସେବା କରିବା ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଯଥେଷ୍ଟ ସନ୍ତୁଷ୍ଟ କରିପାରି ନଥିଲା, ତେଣୁ ଜନସେବାକୁ ଅଧିକରୁ ଅଧିକ ବ୍ୟାପ୍ତ କରିବା ପାଇଁ ଡାକ୍ତରୀ କାର୍ଯ୍ୟରୁ ସ୍ୱେଚ୍ଛାକୃତ ଅବସର ନେଇ ସେ ରାଜନୀତିକୁ ବାଛିଲେ । ଭାରତୀୟ ଜନତା ପାର୍ଟିର ଆଦର୍ଶରେ ଆକର୍ଷିତ ହୋଇ ସେଥିରେ ୧୯୮୦ ମସିହାରେ ଯୋଗ ଦେଲେ । ନିଜର ସାଂଗଠନିକ ଦକ୍ଷତା ପାଇଁ ତିନିଥର ରାଜ୍ୟ ସଭାପତି ଆସନ ଅଳଙ୍କୃତ କରିଥିଲେ, ଯାହାଥିଲା ଏକ ବିରଳ କୀର୍ତ୍ତି । ସର୍ବଭାରତୀୟ ସ୍ତରରେ ସେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ମଧ୍ୟ ହୋଇଥିଲେ । ନିଜ ରାଜନୈତିକ ଦଳ ପ୍ରତି ତାଙ୍କର ଉତ୍ସର୍ଗୀକୃତ ନିଷ୍ଠା ଯୋଗୁଁ କେବଳ ଜାତୀୟ ସ୍ତରରେ ନୁହେଁ ନିଜ ରାଜ୍ୟରେ ବିଜେପିର ମୂଳ ସୁଦୃଢ କରିବାରେ ସକ୍ଷମ ହୋଇଥିଲେ, ଯାହା ଆଜି ମହାଦ୍ରୁମରେ ପରିଣତ ହୋଇ ରାଜ୍ୟରେ ସରକାର ଗଠନ କରିବାକୁ ସକ୍ଷମ ହୋଇ ପାରିଛି । ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ

ଡାକ୍ତର ଦେବେନ୍ଦ୍ର ପ୍ରଧାନ ଭୂପୃଷ୍ଠ ପରିବହନ ମନ୍ତ୍ରୀ ହୋଇ ଓଡ଼ିଶାରେ ଜାତୀୟ ରାଜପଥର ସମ୍ପ୍ରସାରଣ କରି ଏହାକୁ ଦ୍ୱିଗୁଣିତ କରିଥିଲେ । କୃଷି ମନ୍ତ୍ରାଳୟ ଦାୟିତ୍ୱରେ ମଧ୍ୟ ସେ ଥିଲେ।

ଅଦୋଷ ଦର୍ଶୀ, ସଦାହାସ୍ୟ, ପ୍ରଫୁଲ୍ଲ ଚିତ୍ତର ମଣିଷ ଥିଲେ ଡାକ୍ତର ଦେବେନ୍ଦ୍ର ପ୍ରଧାନ । ସର୍ବୋପରି ତାଙ୍କର ଏକାନ୍ତ ଆପଣାର କରିନେବାର ଚୁମ୍ବକୀୟ ଶକ୍ତି ସମସ୍ତଙ୍କୁ ମୁଗ୍ଧ କରିଥାଏ । ତାଙ୍କ ପ୍ରାଣରେ ଥିଲା ଉଦାରତା, ଅମାୟିକତା ଓ ମହାନୁଭବତାର ସ୍ନିଗ୍ଧ ଦିପ୍ତୀ । ଦେଶ, ଜାତି ଓ ମହାମାନବିକତାର ପୂଣ୍ୟ ମହିମା ପ୍ରତି ତାଙ୍କର ଥିଲା ଅପରିମିତ ଶ୍ରଦ୍ଧା ଓ ଆନୁଗତ୍ୟ ।

ରାଜନୀତିରେ ଲିପ୍ତଥିବା ବ୍ୟକ୍ତିବିଶେଷ ସମୟକ୍ରମରେ ପ୍ରାୟତଃ ଉଣାଅଧିକେ ବିବାଦୀୟ ହୋଇପଡନ୍ତି, କିନ୍ତୁ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ବ୍ୟକ୍ତିତ୍ୱର ଏକ ବିଶେଷତ୍ୱ ଥିଲା, ସେ ସମସ୍ତ ବିବାଦରୁ ଉର୍ଦ୍ଧ୍ୱରେ ଥିଲେ, ବିବାଦ ତାଙ୍କୁ ସ୍ପର୍ଶ କରିପାରି ନଥିଲା। କାରଣ ସେ ଯାହା କହୁଥିଲେ, ଯାହା କରୁଥିଲେ, ତାହା ଥିଲେ ସର୍ବକାଳୀନ ଗ୍ରହଣୀୟ ।

ମୁଁ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଦୂରରୁ ଦେଖ

ଶ୍ରଦ୍ଧାଞ୍ଜଳି

କେହି ରହି ନାହିଁ ରହିବେ ନାହିଁରେ ଭବରଙ୍ଗ ଭୂମିତଳେ...
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡିବେ କାଳବେଳେ...

ତମେ ନୀଳ କଇଁ ରଙ୍ଗର ଛୁରି ମୋତେ ଚିରି ଦେଇ ଯାଅ
ଚାହିଁଲା ବେଳକୁ ମୁଁ ନୁହେଁ ତମେ ହିଁ ରକ୍ତରେ ବୁଡିଥାଅ...

ଶ୍ରୀରାଧା

ରମାକାନ୍ତ ରଥଙ୍କ ପାଇଁ...

ମୁଁ ପ୍ରାୟ ଲେଖାଲେଖି ଆରମ୍ଭ କଲାଦିନୁ ତାଙ୍କୁ ଜାଣିଥିଲି। ଭୁବନେଶ୍ୱର ଆସିବା ପୂର୍ବରୁ ତାଙ୍କୁ ସଭାସମିତିରେ ଦୂରରୁ ଦେଖିଥିଲି। ପ୍ରଥମେ ଯେବେ ଭେଟିଥିଲି କଥା ହେବା ପାଇଁ ଖୁବ୍ ସଂକୋଚ ଲାଗିଲା। ଏତେ ବଡ କବି କେଜାଣି କଥା ହେବେ କି ନାଇଁ। 'ଆରପାଖ' ପତ୍ରିକା ସଂପାଦନା କଲାବେଳେ ତାଙ୍କର ଗୋଟେ କବିତା ମାଗିବା ପାଇଁ ଫୋନ କଲି। କେତେ ଧୀର ଅଥଚ ଶାନ୍ତ ଭାବେ କହିଲେ ଏବେ ତ କିଛି ଲେଖିନାହିଁ, ମୋର ଯଦି କୌଣସି ବହି ଅଛି ସେଥିରୁ ଗୋଟେ ନେଇପାରିବ। ମୁଁ କହିଲି ଆଚ୍ଛା ସାର୍, ଧନ୍ୟବାଦ। ଆପଣଙ୍କ ଶ୍ରୀରାଧା ଅଛି ମୋ ପାଖରେ। ମୁଁ ସେଥିରୁ ଗୋଟେ ନେଇଯିବି। ମୋ ସହ ଅନେକ ସମୟ କଥା ହେଲେ ପରେ କହିଲେ ଶୁଣ ଲକ୍ଷ୍ମୀ କବିତାଟି ପ୍ରକାଶ ପାଇଲାପରେ ମୋ ପାଖକୁ ପତ୍ରିକାଟି ପଠାଇଦେବ। ମୁଁ କହିଲି ସାର୍ ପ୍ରକାଶିତ କବିତା ତ... ତେବେ ମୁଁ ପଠାଇବି ନିଶ୍ଚୟ। ସେ ସାମାନ୍ୟ ହସି କହିଲେ ମୋ କବିତା ଦେଖିବିନି ତୁମେ ପ୍ରଥମ ଥର ପାଇଁ ସଂପାଦନା କରୁଛ, କେମିତି କରୁଛ ତାକୁ ଦେଖିବି। ପ୍ରଥମେ ଭାବିଲି ସେ ବ୍ୟସ୍ତ ଲୋକ କୋଉ ପଢିବେ, ମୋ ମନ ରଖିବାକୁ କହୁଛନ୍ତି ବୋଧେ। ପତ୍ରିକା ପଠାଇବା କଥା ଭୁଲିଗଲି। ମାତ୍ର କିଛିଦିନ ଗଲା ପରେ ପୁଣି ଫୋନ କଲେ ଲକ୍ଷ୍ମୀ ତୁମ ପତ୍ରିକା ପାଇଲିନି ଯେ। ପଠାଇଛ କି ? ପଠାଇଲେ ମୋତେ ଟିକେ ଫୋନ କରି କହିଦେବ। ଶେଷରେ ପଠାଇଲି ଓ ପଢିବେନି ଭାବି ଆଉ ଫୋନ କରି ପଚାରିଲିନି। କିନ୍ତୁ ୪/୫ ଦିନ ପରେ ସେ ନିଜଆଡୁ ଫୋନ କରି ପତ୍ରିକା ବିଷୟରେ ସବିଶେଷ ବିବରଣୀ ଦେଲେ ଯାହା ମୋତେ ଏକ ଭିନ୍ନ ଭାବନାରେ ବୁଡି ରହିବାକୁ ବାଧ୍ୟ କରିଥିଲା। ଏତେ ଅଳ୍ପ ସମୟ ଭିତରେ ସବୁ ବିଭାଗ ସେ ପଢିସାରିଥିଲେ। କେତେ ବଡ ଅଥଚ କେତେ ନମ୍ର, ସରଳ। ରମାକାନ୍ତ ରଥ ଈଶ୍ୱରଙ୍କ ଏକ ଅନବଦ୍ୟ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶ୍ରୀରାଧାର ରାଧାପଣରେ ଯିଏ ଥରେ ବୁଡିଛି ରମାକାନ୍ତ ରଥଙ୍କୁ ଛାତିରେ ରଖିବା ଛଡା ଅନ୍ୟ ବାଟ ନାହିଁ।

ଭୁବନେଶ୍ୱର ଆସିଲା ପରେ ତାଙ୍କୁ ବାରମ୍ବାର ଭେଟିଛି। ବହୁତ ସମୟ କଥା ହୋଇଛି। ପ୍ରତିଥର ତାଙ୍କ ଶାନ୍ତ ସରଳ ଭାବ ହିଁ ମନକୁ ଛୁଇଁ ଯାଇଛି। ଶ୍ରୀରାଧା ଯେତେଦିନ ଯାଏ ଅଛି ରମାକାନ୍ତ ରଥ ଅଛନ୍ତି, ରହିବେ। ମୋତେ ଆଜିବି ଲାଗୁଛି ସେ ଏଇ ଆଖପାଖରେ କୋଉଠି ଅଛନ୍ତି। ଜଳ, ସ୍ଥଳ, ବାୟୁ ସବୁଠି ବ୍ୟାପି ରହିଛନ୍ତି। ଯେଉଁଠି ବି ଥାଆନ୍ତୁ ଶ୍ରୀରାଧାର କବି ହିସାବରେ ଥାଆନ୍ତୁ। ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି। ଆଜି 'ସମ୍ବାଦ କଳିକା' ତରଫରୁ ତାଙ୍କ ଦ୍ୱାଦଶାହରେ ତାଙ୍କୁ ସମର୍ପିତ ଏହି ଫର୍ଦ୍ଦଟିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ଅନ୍ୟ ଲେଖକମାନଙ୍କୁ ଆସନ୍ତୁ ପଢିବା...

ଲକ୍ଷ୍ମୀ ଚାନ୍ଦ୍

କେହି ଛୁଇଁ ନାହୁଁ କାହାକୁ ପଦେ ବି
କଥା କହିନାହୁଁ କେହି
କିଏ ସେ ପରତେ ଯିବ ବା ଏମିତି
ସାରା ରାତି ଗଲା ପାହି

ଶ୍ରୀରାଧା

ବରେଣ୍ୟ କବିଙ୍କୁ ଶତ ନମନ



ରମାକାନ୍ତ ରଥ ଚାଲିଯିବା ଖବର ଶୁଣି ସମସ୍ତଙ୍କ ପରି ମୁଁ ବି କିଛି ସମୟ ସ୍ତବ୍ଧ ହୋଇଯାଇଥିଲି। କି ରାତିଟେ ପାହିଲା ଭାବି ଗୁମ୍ ମାରି ବସିରହିଲି। ସମ୍ମାନସ୍ପଦ ରମାକାନ୍ତ ବାବୁଙ୍କ ସହ ବହୁତ ବେଶି ମୁଁ ମିଶି ନାହିଁ। କିନ୍ତୁ ଯେତିକି ସମୟ ବି ଭେଟିଛି ନିଜର ଶାନ୍ତ ସରଳ ସ୍ୱଭାବ ହେତୁ ସେ ମୋତେ ପ୍ରଭାବିତ କରିଛନ୍ତି ଏଯାବତ୍। ମୋର ପ୍ରଥମ କବିତା ବହିକୁ ସେ ଉନ୍ମୋଚନ କରିଥିଲେ। ସେଇ ସୁଖଦ ସ୍ମୃତି ଆଜି ବି ହୃଦୟରେ ତାଜା ହୋଇ ରହିଛି। ଖାଲି ଉନ୍ମୋଚନ କରିନଥିଲେ ତ କିଛି କବିତା ପଢି ଖୁବ୍ ଖୁସି ହୋଇଥିଲେ ଏବଂ ଆଗକୁ ଲେଖିବାକୁ ପ୍ରେରିତ କରିଥିଲେ। ଏତେ ବଡ ଲେଖକ ଏବଂ ଏତେ ଉଚ୍ଚ ପଦବୀରେ ଥାଇ ମଧ୍ୟ ମନରେ ସାମାନ୍ୟ ଗର୍ବ ନଥାଏ ତାଙ୍କର। ସେମିତି ଶାନ୍ତ ସରଳ ସମାହିତ ଭାବେ ସମସ୍ତଙ୍କ ହୃଦୟରେ ସ୍ଥାନ ମାଡିବସିଛନ୍ତି ଏବଂ ଆଗକୁ ବି ବସିଥିବେ। ସମସ୍ତଙ୍କ ଲେଖାକୁ ପଢିବା କିଛି କମ୍ କଥା ନୁହେଁ। କିନ୍ତୁ ମୁଁ ଶୁଣିଛି ନୂଆ ପୁରୁଣା ସମସ୍ତଙ୍କ ଲେଖା ପଢି ସେ ନିଜର ମତାମତ ଜଣାଇ ଦିଅନ୍ତି। ନିଜେ ଏତେ ଉଚ୍ଚକୋଟିର ଲେଖା ଲେଖୁଥାଇ ବି କେହି କଣ ନବପ୍ରଜନ୍ମର କୌଣସି ଲେଖାକୁ ଏତେ ଉଚ୍ଛ୍ୱସିତ ପ୍ରଶଂସା କରିପାରେ ? ଏହା ତାଙ୍କ ବିଶାଳ ହୃଦୟର ପରିଚୟ ନୁହେଁ କି ? ମୁଁ ଏଯାବତ୍ ତାଙ୍କର ପ୍ରାୟ ସବୁ ଲେଖା ପଢିସାରିଛି। ଶ୍ରୀରାଧା ପଢି ମୁଗ୍ଧ ହୋଇଛି। ଯେବେ ଯେବେ ଶ୍ରୀରାଧା ପଢାହେବ ରମାକାନ୍ତଙ୍କ ଶାନ୍ତ ସରଳ ମୁହଁ ପାଠକଙ୍କୁ ଆଚ୍ଛନ୍ନ କରି ରଖିବ ସନ୍ଦେହ ନାହିଁ। ସବୁଦିନ ପାଇଁ ସେ ଅମର। ତାଙ୍କ ଜାଗା ଦ୍ୱିତୀୟ କେହି ନେଇପାରିବେ ନାହିଁ। ତାଙ୍କୁ ମୋର ଗଭୀର ଶ୍ରଦ୍ଧାଞ୍ଜଳି।

ସୁପ୍ରଭା ରାୟ

ରମାକାନ୍ତ ସ୍ମରଣେ

କବି ରମାକାନ୍ତ ରଥ ଯେଉଁ ଶରୀରରେ ଏ ଜୀବନ କାଳରେ ସଂସାରରେ ପରିଚିତ ଥିଲେ ସେହି ନଶ୍ୱର ଶରୀରକୁ ଛାଡ଼ି ସେ ବାହୁଡ଼ି ଗଲେ। ମାତ୍ର ଯେଉଁ ନାମରେ ସେ ସ୍ରଷ୍ଟା ଭାବରେ ପରିଚିତ ଥିଲେ ସେ ନାମ ଓ ସୃଷ୍ଟି ସେମିତି ଅମଳିନ ରହିବ କାଳ କାଳ। ତାଙ୍କ ମର ଶରୀରର ଅବର୍ତ୍ତମାନରେ ମୋର ଗଭୀର ଶ୍ରଦ୍ଧାଞ୍ଜଳି ନିମ୍ନୋକ୍ତ କବିତାରେ।

ଲଣ୍ଠନ ବତୀ ଦିକ୍ ଦିକ୍ ହୋଇ ଯାହା ଜଳୁଥିଲା
ନିଷ୍ପ୍ରଭ ହେଲାଣି ନିଅନ ଆଲୁଅ ମେଳେ
ଅନେକ କୋଠରି ଦୁଆର ତ ଏବେ
ଗୋଟେ ଅଗଣାରେ ଖୋଲେ
ଠିକ୍ ଏତିକି ବେଳେ
ତୁମେ ବାହୁଡ଼ିଲ ଅଫେରା ରାଇଜେ
କତରା ଶେଯରୁ ତୁମ କଥା ଶୁଣି
ଚନ୍ଦ୍ରା ବେହୁରାଣୀ ଲୁହର ଦୀପାଳି ଜାଳେ।

ଶ୍ରୀରାଧାକୁ କେତେ କଲ ଆପଣାର
ଗଢ଼ିଲ ଯତନେ ସାଜି ତାର ରୂପକାର
କାବ୍ୟ ନୁହେଁ ତାହା ପ୍ରେମ ପରିଭାଷା
ସଭିଂକ ହୃଦରେ ପ୍ରେମର ଦିହୁଡ଼ି
କବିତାରେ ଜାଳିଦେଲ
ଜଳୁଛି ଜଳିବ ସେ ଅଲିଭା ସଳିତା
ଲିଭିବନି ଦୀପ ଶିଖା
ପ୍ରେମ ଶାଶ୍ୱତ
ପ୍ରେମ ଚିରନ୍ତନ
ପ୍ରେମ ଦୁର୍ଲଭ
ଦେଇଗଲ ମହାଦୀକ୍ଷା।

ସପ୍ତମ ଋତୁର ଅନିଷାରେ ତୁମ
ବିତିଲା ଜୀବନ କାଳ
ଶ୍ରୀପଳାତକ ସଭିଏଁ ଏଠାରେ
ସଭିଂକୁ ଆୟତ୍ତ କରେ କାଳ କରବାଳ
ଆଶାର ମୁରୁଜ ବୁଣି ବୁଣି ତୁମେ
ବାହୁଡ଼ିଲ କାଳ ବଳେ
ଯେଉଁଠିକି ଗଲେ କେହି କଣ କେବେ
ଆଉ ଏ ରାଇଜେ ଫେରେ ?

କାଳର ବୁକୁରେ ତୁମେ ଛାଡ଼ିଗଲ
ଯେଉଁ ସବୁ ହସ୍ତାକ୍ଷର
ହୃଦ କନ୍ଦରକୁ ଛୁଇଁଗଲା ଭଳି
ତୀକ୍ଷ୍ଣ କାବ୍ୟିକ ସ୍ୱର
ଆଂକିଦେଲ ଯେଉଁ ଛବି ଅମଳିନ
ହୋଇ କାଳର ଭାଷ୍ୟକାର
ଭାଷା ସାହିତ୍ୟର ଇତିହାସେ ତୁମ
ଲିଖିତ ସ୍ୱର୍ଣ୍ଣାକ୍ଷର
ତୁମେ ନାହଁ କବି
ତୁମ ବିୟୋଗରେ ସେମାନେ ଜାଜ୍ୱଲ୍ୟମାନ
କବି ମରେ ନାହିଁ
ମରିପାରେ ନାହିଁ
କାଳର ବୁକୁରେ ଜିଇଁଥାଏ କାଳକାଳ
ଜିଇଁଥାଏ ଚିରକାଳ।

ରତ୍ନାକର ରାଉତ

ଶ୍ରୀରାଧା ଏବେ ଆକାଶରେ ତାରା ଫୁଲଟିଏ

ଆଜି ମନେପଡ଼େ, ପଣ୍ଡିତ ମାନଙ୍କର ସେଇ ଅଭିଜ୍ଞ ବାଣୀ। 'କବିରେବ ପ୍ରଜାପତି'। କବି କାଳେ ଦେବାଧିଦେବ 'ବ୍ରହ୍ମା'। ସାହିତ୍ୟର ସକଳ ବିଭବ ଭିତରୁ 'କବିତା' - କାବ୍ୟ ଏକ ଅନନ୍ୟ କଳା। ଏ ବିଶ୍ୱ ବ୍ରହ୍ମାଣ୍ଡର ସଂରଚନା, ଦୈବବାଣୀ- ଈଶ୍ୱରଙ୍କ ସମସ୍ତ ସନ୍ଦେଶ କାବ୍ୟ ଛଳରେ ହିଁ ମାନବୀୟ ଜୀବନ ବୋଧକୁ ପୁଷ୍ଟଳ କରିଥିଲା। ବେଦ-ବେଦାଙ୍ଗ-ପୁରାଣ, ଶାସ୍ତ୍ର ଆଦି ସମସ୍ତ ଅନିର୍ବଚନୀୟ ଉଦ୍‌ଘୋଷଣର ସାର୍ଥକ ଉପାଦାନ ହିଁ କାବ୍ୟଧାରା। ଯାହା ସାହିତ୍ୟର ସମସ୍ତ ବିଭବ ଭିତରୁ ଆପେ ଆପେ ବାରି ହୋଇପଡ଼େ।

ଥରେ ଜଣେ ମହାନ୍ ସ୍ରଷ୍ଟା କହିଥିଲେ ମତେ, 'କବିତା ଲେଖି କବି ହେବା ଜରୁରୀ ନୁହେଁ, କବିତା ମନସ୍କ ହୋଇ ବଞ୍ଚି ରହିବାଟା ହିଁ ଜରୁରୀ।' ସତରେ ଭାରି ଅସାଧ୍ୟ ସାଧନା ଏହି କବିତା। ଏ ପୃଥିବୀରେ ଅନେକାନେକ କବି ସେମାନଙ୍କ ପ୍ରଣିତ ରଚନା ମାନଙ୍କୁ ମୂର୍ତ୍ତ କରି ଯଶ ରଖିଯାଇଛନ୍ତି। କଷ୍ଟଲବ୍ଧ କାବ୍ୟ ରଚନା, କଷ୍ଟକର ମଧ୍ୟ କବିଟିଏ ହେବା।

ମୋ ଯୌବନର ଆଦ୍ୟ ଭାଗରେ ଭେଟିଛି ସେଇ କବି ଦୁହିଁଙ୍କୁ। ଯାହାଙ୍କର ଶବ୍ଦ ବୈଚିତ୍ର୍ୟ, ଅନ୍ୱେଷା, ଭାବ ସଂରଚନା ମତେ ଉଚ୍ଛନ୍ନ କରିଛି, ତିଳ ତିଳ କରି ମାରୁଛି ଏଯାଏଁ, କିଛି ନଲେଖି ପାରିଥିବାର ଅବସୋସରେ। ସେଇ ଦୁଇ ପ୍ରଥିତଯଶା କବି ଆଉ ଏ ସଂସାରରେ ନାହାଁନ୍ତି ! ସୂକ୍ଷ୍ମ ଦେବାଲୋକରେ ସେମାନେ ତାରାଫୁଲ ହୋଇଯାଇଛନ୍ତି।

ଜଣେ ମୋ କାବ୍ୟ ଚେତନାର ଆଦି ପୁରୁଷ କବି ମାୟାଧର ମାନସିଂହ, ଆରକ ଶ୍ରୀରାଧାର ଯଶସ୍ୱୀ କବି ରମାକାନ୍ତ ରଥ। ଦୁହେଁ ପିତୃ ପ୍ରତିମ। ମୋ ସକାଳର ବିନୀତ ପ୍ରାର୍ଥନା, ଆଦ୍ୟ କବିତାର ଓଁକାର। ଦୁହିଁଙ୍କର ଜୀବନ ଜିଇଁବା ପ୍ରଣାଳୀ ପ୍ରାୟ ସମାନ। ପ୍ରେମ-ଭାବ-ଅନୁରାଗର ଏକ ମିଶ୍ରିତ ସ୍ୱର। ଆହାଃ କୁଆଡ଼େ ଗଲେ ସେମାନେ !!

ମାନସିଂହଙ୍କର ପ୍ରଣୟ ନିଧୁବନରେ ମୁଁ ମୁକୁଳିତ ଏକ ପଦ୍ମ ପାଖୁଡ଼ା। ଅନୁରାଗର ଭାବ ସମୁଦ୍ରରେ ଭାସୁଥିବା କାବ୍ୟସ୍ରଷ୍ଟା, ଶ୍ରୀରାଧାର ଯଶସ୍ୱୀ ଭାରତୀୟ କବି ରମାକାନ୍ତ ରଥଙ୍କ ଅନୁରାଗରେ ମୁଁ ବନ୍ଦୀ ଏକ ଭାବ ଭୋଳା ମଣିଷ। ତାଙ୍କର ପ୍ରିୟପଣ, ପିତୃପ୍ରତିମ ଆଶୀର୍ବାଦରେ ମୁଁ କାବ୍ୟାଶ୍ରୟୀ ଜଣେ ନଗଣ୍ୟ ପଥଚାରୀ।

ଆଜି ସେ ଅମର ଧାମର ଯାତ୍ରୀ। ମୋ 'ଆଉ ବାପା' ଡାକ ଆଉ ତାଙ୍କୁ ଶୁଭିବନି। ଦୀର୍ଘ ଅର୍ଦ୍ଧ ଶତାବ୍ଦୀର ପ୍ରଥିତଯଶା କାବ୍ୟକାର ମାୟାଧର, ସଚ୍ଚିଦାନନ୍ଦ, ରମାକାନ୍ତ ଯେ ଓଡ଼ିଆ କାବ୍ୟ ସାହିତ୍ୟରେ ଅମର ହୋଇ ବଞ୍ଚି ରହିବେ ଏ ବିଶ୍ୱାସ ମୋର ଅଛି।

ଲେଖିବାକୁ ଭାଷା ନାହିଁ। ହେ' କାବ୍ୟ ପୁରୁଷ ରମାକାନ୍ତ, କାହିଁଗଲା ତୁମର ପଦ୍ମଭୂଷଣ, ସୁନ୍ଦର ବଗିଚା, ମନୋରମ ପ୍ରାସାଦ, ତୁଙ୍ଗ ପ୍ରଶାସନିକ ଦକ୍ଷତା ! ସବୁ ଅସାର। କେବଳ ରହିଗଲା ଆମ ଛାତିରେ ଧାଡ଼ିଏ କବିତା- ରମାକାନ୍ତଙ୍କ ଶ୍ରୀରାଧା।

ଆପଣଙ୍କ ପାଇଁ ଲୁହ ଟୋପେ ଦେବି। ଆପଣଙ୍କ ପ୍ରେମରେ ଅବଶିଷ୍ଟ ଜୀବନ ଉଚ୍ଛନ୍ନ ହେବି, ଏତିକି ମାତ୍ର କାମନା।

ଦୁର୍ଗାଚରଣ ଷଡ଼ଙ୍ଗୀ

ଶ୍ରୀରାଧାର କବି

'ହ୍ୟାଲୋ...' ଏକ ଅଜଣା ନମ୍ବର ଦେଖି ମୋର ଗମ୍ଭୀର ସ୍ୱର।

'ଆପଣ ମୌସୁମୀ ଦାସ୍ କହୁଛନ୍ତି।' ଏକ ନମ୍ର ନରମ ସ୍ୱରର ପ୍ରଶ୍ନ। ମୁଁ ସେମିତି ଗମ୍ଭୀର ସ୍ୱରରେ, 'ହଁ, କହୁଛି। ଆପଣ କିଏ କହୁଛନ୍ତି ?' 'ଆଜ୍ଞା, ମୁଁ ସଞ୍ଜୀର ସାହିତ୍ୟ ପୃଷ୍ଠାରୁ ଆପଣଙ୍କ କବିତା 'ରାସପର୍ବ' ପଢ଼ି ଫୋନ୍ କରୁଛି। ସୁନ୍ଦର କବିତାଟିଏ।' ଏବେ ମୋର ଖୁସିମିଶା ନରମ ସ୍ୱର, 'ଆଜ୍ଞା, ଧନ୍ୟବାଦ। ଆପଣ କିଏ କହୁଛନ୍ତି, ଜାଣି ପାରେ କି ?' ସେପଟୁ ସେମିତି ନମ୍ର ସ୍ୱର, 'ମୁଁ ରମାକାନ୍ତ ରଥ କହୁଛି।' 'ଦି ରମାକାନ୍ତ ରଥ ! ସର୍, ଆପଣ ଶ୍ରୀରାଧାର କବି ଦି ରମାକାନ୍ତ ରଥ କହୁଛନ୍ତି ? !!'

ଅପରପଟୁ ସାମାନ୍ୟ ହସ ସହିତ ସେଇ ନମ୍ର କୋମଳ ସ୍ୱରରେ, 'ହଁ ଆଜ୍ଞା, ମୁଁ କବି ରମାକାନ୍ତ ରଥ।' ଏଥର ଖୁବ୍ ଜୋର୍‌ରେ ଚମକି ପଡ଼ିଲି। ଦୁଇଜଣ ବାନ୍ଧବୀଙ୍କ ସହିତ ଚାଲୁଥିଲି ନଅତାଲା ପଛପଟ ରାସ୍ତାରେ ଲଞ୍ଚ ପରେ ଅପରାହ୍ନରେ, ରାସ୍ତା ଉପରେ ଧମ୍ କିନା ବସିପଡ଼ିଲି, 'ସର୍ ଭୂମିଷ୍ଠ ପ୍ରଣାମ' କହି, ତ ଦୁଇ ବାନ୍ଧବୀ ଚମକିପଡ଼ିଲେ, 'କଣ ହେଲା' କହି। ସେଦିନ ଅହୋଭାଗ୍ୟ ମୋର ! ସର୍ ଆହୁରି କେତେ କଣ କଥା ହେଉଥାନ୍ତି, କବିତାର କେତୋଟି ଧାଡ଼ି ସମ୍ପର୍କରେ କହୁଥାନ୍ତି ଆଉ ମୁଁ ... ସେ ସମୟର ଅନୁଭୂତି ପ୍ରକାଶ କରିବାକୁ ଶବ୍ଦ ଏବେ ବି ଅକୁଳାଣ ମୋ'ପାଖରେ। ପରବର୍ତ୍ତୀ ସମୟରେ ଅନେକଥର ସର୍‌ଙ୍କ ସହିତ ଫୋନ୍‌ରେ କଥା ହେଇଛି, କିନ୍ତୁ ସେଦିନର ପ୍ରଥମ କଥାବାର୍ତ୍ତା ମୋ ସାହିତ୍ୟିକ ଜୀବନର ସବୁଠୁ ଅବିସ୍ମରଣୀୟ ଦିନ ହୋଇ ଆଜୀବନ ରହିବ।

ଓଡ଼ିଆ ସାହିତ୍ୟର ଛାତ୍ରୀ ମୁଁ। ପ୍ରଥମେ ଯେବେ ପାଠ୍ୟକ୍ରମରେ ଅନ୍ତର୍ଗତ ଚନ୍ଦ୍ରମାର ଚୁଡି ପଢ଼ିଲି, ଅଭିଭୂତ ହୋଇଗଲି। ଆମ ଅନର୍ସ କୋର୍ସରେ ଥିଲା 'ଶ୍ରୀରାଧା'ର ଚଉଦ ନମ୍ବର କବିତା। ପୁଣିଥରେ ରମାକାନ୍ତୀୟ କାବ୍ୟରସରେ ବିଭୋର ହେଲି। ଏବଂ ରମାକାନ୍ତ ରଥଙ୍କ ଶ୍ରୀରାଧା, ଶ୍ରୀପଳାତକ, ଅନେକ କୋଠରୀ, ଋତୁ ସପ୍ତମ ଇତ୍ୟାଦି କବିତା ପଢ଼ିବାର ସୁଯୋଗ ପାଇଲି। ଏକ ସମୟରେ ଶ୍ରୀରାଧା ମୋ'ର ଏତେ ପ୍ରିୟ କବିତାବହି ପାଲଟି ଗଲା ଯେ, ମୋ' ବିଛଣା ସାଇଡ୍ ଟେବୁଲରେ ରଖି ନିୟମିତ ପଢୁଥିଲି।

ସର୍‌ଙ୍କ ଘରକୁ ଦୁଇହଜାର ତେର ମସିହାରେ ପ୍ରଥମଥର ଜଣେ ସାହିତ୍ୟିକଙ୍କ ସହିତ ଯିବାର ଅବସର ଯେଉଁଦିନ ପାଇଲି, ସେଦିନର ସ୍ମୃତି ବି ଆଜୀବନ ସମ୍ପଦ ହୋଇ ରହିବ। ମୁଁ କବିତା ସହିତ ଗପ ବି ଲେଖେ ଜାଣି ସର୍ ଖୁସି ହେଇ କହିଥିଲେ, 'ତୁମ କବିତା ଭଳି ଗପ ବି ସୁନ୍ଦର ହେଇଥିବ।' ମୋର ପ୍ରଥମ ଗଳ୍ପ ସଙ୍କଳନର ପ୍ରଥମ କପି ସର୍ ଙ୍କୁ ସକାଳେ ତାଙ୍କ ଘରେ ଦେଇକି ଅଫିସ ଗଲି, ଆଉ ସନ୍ଧ୍ୟାବେଳକୁ ସର୍‌ଙ୍କର ଫୋନ୍ ଆସିଲା। କଫିହାଉସ୍ ଗଳ୍ପ ସଙ୍କଳନର ସବୁତକ ଗଳ୍ପ ପଢ଼ି ଦେଇଥିଲେ ଦିନକ ଭିତରେ ସର୍। ଅଧିକାଂଶ ଗଳ୍ପ ବିଷୟରେ ତାଙ୍କର ମତାମତକୁ ବିଭୋର ହେଇ ଶୁଣୁଥିଲି। ମୋର ପ୍ରଥମ କବିତା ସଙ୍କଳନର ନାମ ଦେଲାବେଳେ ବିନା ଦ୍ୱନ୍ଦ୍ୱରେ 'ରାସପର୍ବ' ହିଁ ନାମ ରଖିଥିଲି ଏବଂ ରମାକାନ୍ତ ରଥଙ୍କୁ ପ୍ରଥମ କପି ଦେଇଥିଲି। ପୁଣି ତା'ପରଦିନ ହିଁ ସର୍ ଙ୍କର ଫୋନ୍। ଅଧିକାଂଶ କବିତା ସମ୍ପର୍କରେ ଆଲୋଚନା। ପ୍ରତିଥର ବହିର ପ୍ରଥମ କପି ନେଇ ସର୍‌ଙ୍କୁ ଦେବା ମୋର ଅଭ୍ୟାସ ହେଇଗଲା। ସର୍‌ଙ୍କ ଜନ୍ମଦିନରେ ତାଙ୍କୁ ଭେଟି ପ୍ରଣାମ ଜଣେଇବାକୁ ଯାଉଥିଲି। ସେଇ କିଛି ସମୟ ସର୍ ଓ ଶାନ୍ତି ମାଉସୀଙ୍କର ଆତିଥେୟତାରେ ଅଭିଭୂତ ହେଉଥିଲି।

ଆଉଦିନକର କଥା। ଜଳସମ୍ପଦ ବିଭାଗରେ କାର୍ଯ୍ୟରତ ଥିଲି। ଅଫିସରେ ସେଦିନ କାମ କରୁଥିଲି। ହଠାତ୍ ସେକ୍ରେଟାରୀଙ୍କ ପିଏସ୍ ଫୋନ୍ କଲେ, 'ମୌସୁମୀ ମ୍ୟାଡାମ୍, ଆପଣଙ୍କୁ ସେକ୍ରେଟାରୀ ସର୍ ଡାକୁଛନ୍ତି। ମନରେ ଡର, ଧିରେଧିରେ ସେକ୍ରେଟାରୀଙ୍କ ଚ୍ୟାମ୍ବର ଡୋର୍ ଠେଲି ଭିତରକୁ ଗଲି। ସେକ୍ରେଟାରୀ ସର୍ ଙ୍କୁ ନମସ୍କାର ଜଣେଇଲି ତ ସର୍ କହିଲେ, ଆପଣଙ୍କୁ ଆମ ସର୍ ଖୋଜୁଛନ୍ତି। ମୁଁ ଚାହିଁଲା ବେଳକୁ ରମାକାନ୍ତ ସର୍। ତାଙ୍କୁ ପ୍ରଣାମ କଲି ତ ସର୍ କହିଲେ, 'ମୁଁ କେବଳ ତୁମକୁ ଭେଟିବି ବୋଲି ଆସିଛି।' ପାଞ୍ଚ ମିନିଟ୍ ମୋତେ ପାଖରେ ବସେଇ ବିଭିନ୍ନ କଥା ଗପ କଲେ। ସେକ୍ରେଟାରୀ ସର୍ ବି ବୋଧହୁଏ ମୋ ପରି ଆଶ୍ଚର୍ଯ୍ୟ ହେଉଥିଲେ।

ଦୁଇହଜାର ବାଇଶିରେ ମୈତ୍ରେୟୀ ଲେଖିକା ସଙ୍ଗଠନ ତରଫରୁ ଆମେମାନେ ସର୍‌ଙ୍କର ଜନ୍ମଦିନ ଭର୍ଚୁଆଲ୍ ମୋଡ୍‌ରେ ପାଳନ କରିଥିଲୁ। ବନୋଜ ତ୍ରିପାଠୀ ଭାଇଙ୍କ ସୌଜନ୍ୟରୁ ଉଭୟ ରମାକାନ୍ତ ସର୍ ଓ ଶାନ୍ତି ମାଉସୀ ଆମସହ ଯୋଗ ଦେଇ ଖୁବ୍ ଖୁସି ହୋଇଥିଲେ। ଆମେ ସମସ୍ତେ ଶ୍ରୀରାଧାରୁ ଗୋଟିଏ ଗୋଟିଏ କବିତା ପାଠ କରିଥିଲୁ। ଅସୁସ୍ଥତା ସତ୍ତ୍ୱେ ସର୍ ଆମ ସହିତ ରହି କେତେ ଖୁସିରେ ଆମମାନଙ୍କ ସ୍ୱରରେ ତାଙ୍କ ଅମରକୃତିର ଉଚ୍ଚାରଣ ଶୁଣୁଥିଲେ। ଏବେବି ସେହି ସନ୍ଧ୍ୟାର ସ୍ମୃତି ଆମକୁ ବିଭୋର କରୁଛି। କିନ୍ତୁ ଏବେ ସର୍‌ଙ୍କର ଅବର୍ତ୍ତମାନରେ ଏସବୁ ସ୍ମୃତି ହିଁ ପାଥେୟ। ସର୍‌ଙ୍କର ଆଶୀର୍ବାଦର ହାତ ହଟିଗଲା ଏବେ। ଅବସୋସ ରହିଗଲା, କାର୍ଯ୍ୟବ୍ୟସ୍ତତା ଯୋଗୁଁ ଗତବର୍ଷ ସର୍ ଙ୍କର ଜନ୍ମଦିନରେ ତାଙ୍କୁ ଶୁଭେଚ୍ଛା ଜଣେଇବାକୁ ଯିବା ସମ୍ଭବ ହୋଇ ପାରିନଥିଲା। ବୟସଜନିତ ଅସୁସ୍ଥତାଗ୍ରସ୍ତ ଥିଲେ। ଅଚାନକ ଷୋହଳ ତାରିଖ ଦିନ ସକାଳୁ ଖବର, ସର୍ ଆଉ ନାହାନ୍ତି। ଥମ୍ କି ବସିଗଲି ଘଡ଼ିଏ, ନିର୍ବାକ୍ ନିସ୍ପନ୍ଦ, ଆଖିରେ ଲୁହ ଟଳମଳ। ସତରେ ସର୍ ଆଉ ନାହାନ୍ତି ! 'ଅନ୍ୟ ସବୁ ସକାଳଠୁ ଆଜିର ସକାଳ' କାହିଁକି ଏତେ ଭିନ୍ନ ହେଇଗଲା ! 'ତମେ ଆଉ ନାହଁ ବୋଲି ଖବର ଆସିଛି।' ମୃତ୍ୟୁଚେତନାର କବି ମୃତ୍ୟୁକୁ ଆପଣେଇ ଆମ ସଭିଙ୍କୁ ପର କରି ଦେଇଗଲେ। ହେଲେ, କବି ତାଙ୍କ କବିତାରେ ରହିବେ ଚିରଅମର। ମୋ' ତାଙ୍କୁ ଏଇ କେତେପଦର ବିନମ୍ର ଶ୍ରଦ୍ଧାଞ୍ଜଳି।

'ଜାଣେ, ସେ ରହିବେ ତାଙ୍କର
ଶବ୍ଦମାନଙ୍କ
ଭିତରେ ଜୀବନ୍ତ,
ଜାଣେ, ସେ ରହିବେ ତାଙ୍କୁ
ବାରମ୍ବାର ପଢୁଥିବା
ପାଠକଙ୍କ ଭିତରେ ସତତ,
ତଥାପି କୋହ ଆଉ ଲୁହ କେଜାଣି କାହିଁକି
ଯେତେ ବୋଧ କରାଇଲେ ବି,
ତାଙ୍କ ଶୂନ୍ୟପଣର ଅଭାବକୁ
ବାରମ୍ବାର କରୁଛି ଜାଗ୍ରତ।'

ମୌସୁମୀ ଦାସ
ଭୁବନେଶ୍ୱର

ଶ୍ର

31 YEARS
ସମୟ କଳିକା
ଭୁବନେଶ୍ୱର, ୨୭ ମାର୍ଚ୍ଚ, ଗୁରୁବାର, ୨୦୨୫

ଲଜ୍ଜାଜନକ ରେକର୍ଡ କଲେ ଗ୍ଲେନ ମ୍ୟାକ୍ସୱେଲ

ନୂଆଦିଲ୍ଲୀ

ପଞ୍ଜାବ କିଙ୍ଗସ ୧୧ ରନରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଥିଲା। କିନ୍ତୁ ଏହା ପୂର୍ବରୁ ପଞ୍ଜାବ କିଙ୍ଗ୍ସ ବ୍ୟାଟ୍‌ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲଙ୍କ ନାମରେ ଏକ ଲଜ୍ଜାଜନକ ରେକର୍ଡ ହୋଇଥିଲା। ମ୍ୟାକ୍ସୱେଲ ଆଇପିଏଲ ଇତିହାସରେ ସର୍ବାଧିକ ଥର ଶୂନରେ ଆଉଟ ହୋଇଥିବା ଖେଳାଳି ହୋଇଛନ୍ତି। ଏପର୍ଯ୍ୟନ୍ତ ୧୩୫ଟି ଆଇପିଏଲ ମ୍ୟାଚ୍‌ରେ, ଗ୍ଲେନ ମ୍ୟାକ୍ସୱେଲ ୧୯ ଥର ଶୂନ୍ୟରେ ଆଉଟ ହୋଇଛନ୍ତି। ଗୁଜରାଟ ଟାଇଟାନ୍ସ ବିପକ୍ଷରେ ସାଇ କିଶୋର ଗ୍ଲେନ ମ୍ୟାକ୍ସୱେଲଙ୍କୁ ଆଉଟ କରିଥିଲେ।

ରୋହିତ ଶର୍ମା ଏବଂ ଦିନେଶ କାର୍ତ୍ତିକ ଏହି ତାଲିକାରେ ମିଳିତ ଭାବରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏପର୍ଯ୍ୟନ୍ତ ରୋହିତ ଶର୍ମା ଏବଂ ଦିନେଶ କାର୍ତ୍ତିକ ୧୮ ଥର ଶୂନ୍ୟରେ ପାଭିଲିୟନ ଫେରିଛନ୍ତି। ମ୍ୟାକ୍ସୱେଲ ରୋହିତ ଶର୍ମା ଏବଂ ଦିନେଶ କାର୍ତ୍ତିକଙ୍କୁ ପଛରେ ପକାଇ ଦେଇଛନ୍ତି। ପଞ୍ଜାବ କିଙ୍ଗ୍ସ ବ୍ୟତୀତ, ଗ୍ଲେନ ମ୍ୟାକ୍ସୱେଲ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଂଶ ରହିସାରିଛନ୍ତି। ରୋହିତ ଶର୍ମା ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଡେକାନ ଚାର୍ଜର୍ସ ହାଇଦ୍ରାବାଦ ପାଇଁ ଖେଳିଛନ୍ତି। ଦିନେଶ କାର୍ତ୍ତିକ ଦିଲ୍ଲୀ କ୍ୟାପିଟାଲ୍ସ, ଗୁଜରାଟ ଲାୟନ୍ସ, କୋଲକାତା ନାଇଟ ରାଇଡର୍ସ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଖେଳିଥିଲେ। ଆଇପିଏଲ ଇତିହାସରେ, ସୁନୀଲ ନାରିନ ହେଉଛନ୍ତି ସବୁଠାରୁ ଅଧିକ ଥର ଶୂନରେ ଆଉଟ ହୋଇଥିବା ବ୍ୟାଟ୍‌ସମ୍ୟାନ। କୋଲକାତା ନାଇଟ ରାଇଡର୍ସର ସୁନୀଲ ନାରିନ ୧୬ ଥର ଶୂନ୍ୟରେ ପ୍ୟାଭିଲିୟନ ଫେରିଥିଲେ। ଏହା ବ୍ୟତୀତ ପୀୟୁଷ ଚାୱଲା ପଞ୍ଚମ ସ୍ଥାନରେ ଅଛନ୍ତି। ପୀୟୁଷ ଚାୱଲା ଆଇପିଏଲ ଇତିହାସରେ ୧୬ ଥର ଡକ୍‌ରେ ଆଉଟ ହୋଇଥିଲେ। ଆଇପିଏଲରେ, ପୀୟୁଷ ଚାୱଲା ପଞ୍ଜାବ କିଙ୍ଗ୍ସ ସହିତ କୋଲକାତା ନାଇଟ ରାଇଡର୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଥିଲେ।

ରାଜସ୍ଥାନ ରୟାଲ୍ସକୁ ୮ ୱିକେଟରେ ହରାଇଲା କେକେଆର୍

ଗୌହାଟୀ

ବୋଲିଂ ପରେ ବ୍ୟାଟରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ସହଜ ବିଜୟ ହାସଲ କରିଛି କୋଲକାତା ନାଇଟ୍ ରାଇଡର୍ସ। ରାଜସ୍ଥାନ ରୟାଲ୍ସକୁ ୮ ୱିକେଟରେ ପରାସ୍ତ କରି ଟୁର୍ଣ୍ଣାମେଣ୍ଟର ପ୍ରଥମ ବିଜୟ ହାସଲ କରିଛି। ଡିକକ୍‌ଙ୍କ ଅପରାଜିତ ୯୭ ରନ୍ ବଳରେ କେକେଆର୍ ୧୫ ବଲ୍ ବଳକା ଥାଇ ୧୫୩ ରନ୍ ହାସଲ କରିନେଇଛି।

ଆଇପିଏଲ ୨୦୨୫ର ଷଷ୍ଠ ମ୍ୟାଚ୍ ରାଜସ୍ଥାନ ରୟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯାଇଥିଲା। ଗୌହାଟୀର ବରସାପାରା କ୍ରିକେଟ୍ ଷ୍ଟାଡିୟମରେ ଉଭୟ ଦଳ ମୁହାଁମୁହିଁ ହୋଇଥିଲେ। କେକେଆର ଅଧିନାୟକ ଅଜିଙ୍କ୍ୟା ରାହାଣେ ଟସ୍ ଜିତି ରାଜସ୍ଥାନକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ପ୍ରଥମେ ବ୍ୟାଟିଂ ପାଇଁ ଓହ୍ଲାଇଥିବା ରାଜସ୍ଥାନ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା। ଦଳ ପକ୍ଷରୁ କୌଣସି ବଡ଼ ଭାଗୀଦାରି ହୋଇପାରି ନଥିଲା। କୋଲକାତାର ଘାତକ ବୋଲିଂ ଆଗରେ ଧରାଶାୟୀ ହୋଇଥିଲା ରାଜସ୍ଥାନ ରୟାଲ୍ସ। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ହରାଇ ମାତ୍ର ୧୫୧ ରନ୍ କରିବାରେ ସକ୍ଷମ ହୋଇଥିଲା।

ରାଜସ୍ଥାନ ପାଇଁ ଧ୍ରୁବ ଜୁରେଲ ସର୍ବାଧିକ ୩୩ ରନ୍ କରିଥିଲେ। ଓପନର ଯଶସ୍ୱୀ ଜୈସ୍ୱାଲ ୨୯, ସଞ୍ଜୁ ସାମସନ ୧୩, ରିୟାନ ପରାଗ ୨୫ କରିଥିଲେ। ଅନ୍ୟପଟେ କୋଲକାତା ନାଇଟ୍ ରାଇଡର୍ସ ପାଇଁ ବୈଭବ ଅରୋରା, ହର୍ଷିତ୍ ରାଣା, ମୋଇନ୍ ଅଲି, ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

୧୫୨ ରନ୍‌ର ସାଧାରଣ ବିଜୟ ଲକ୍ଷ୍ୟ ହାସଲ ପାଇଁ ପଡ଼ିଆକୁ ଓହ୍ଲାଇଥିବା କେକେଆରକୁ ଭଲ ଆରମ୍ଭ ଦେଇଥିଲେ ଓପନର ଡି କକ୍। ତାଙ୍କ ସହ ମିଶି ମୋଇନ୍ ଅଲି ୪୧ ରନ୍ ପାର୍ଟନରସିପ୍ କରିଥିଲେ। ୫ ରନ୍ କରି ସେ ଆଉଟ୍ ହେବା ପରେ ପଡ଼ିଆକୁ ଓହ୍ଲାଇଥିଲେ କ୍ୟାପ୍ଟେନ୍ ରାହାଣେ। ତାଙ୍କ ବ୍ୟାଟରୁ ୧୮ ରନ୍ ବାହାରିଥିଲା। ଶେଷରେ କ୍ୱିଣ୍ଟନ୍ ଡି କକ୍ ୯୭ ଓ ରଘୁବଂଶୀ ୨୨ ରନ୍ କରି ଅପରାଜିତ ରହି ଟିମ୍‌କୁ ବିଜୟୀ କରାଇଥିଲେ। ରାଜସ୍ଥାନ ପାଇଁ ୱାନିନ୍ଦୁ ହାସରଙ୍ଗା କେବଳ ଗୋଟିଏ ୱିକେଟ୍ ନେଇଥିଲେ।

ଭାରତ ଆସିବେ ବିଶ୍ୱ ବିଜେତା ଲିଓନେଲ ମେସି : କେରଳରେ ଅନୁଷ୍ଠିତ ହେବ ଦୁଇଟି ମ୍ୟାଚ୍

ନୂଆଦିଲ୍ଲୀ

ଭାରତର ଫୁଟବଲ୍ ପ୍ରେମୀମାନଙ୍କ ପାଇଁ ଖୁସି ଖବର। ଅକ୍ଟୋବରରେ କେରଳରେ ଏକ ପ୍ରଦର୍ଶନୀ ମ୍ୟାଚ୍‌ରେ କିମ୍ବଦନ୍ତୀ ଲିଓନେଲ୍ ମେସି ଏବଂ ଆର୍ଜେଣ୍ଟିନା ଦଳକୁ ଦେଖିବାର ସୁଯୋଗ ପାଇବେ। ୧୪ ବର୍ଷ ପରେ ବିଶ୍ୱକପ୍ ବିଜେତା ଅଧିନାୟକ ୨୦୧୧ ପରେ ଭାରତ ଗସ୍ତରେ ଆସିବେ। ଗତ ବର୍ଷ ନଭେମ୍ବରରେ, କେରଳର କ୍ରୀଡ଼ା ମନ୍ତ୍ରୀ ଭି. ଅବଦୁରାହିମାନ ଘୋଷଣା କରିଥିଲେ ଯେ ଆର୍ଜେଣ୍ଟିନା ଦଳ କେରଳ ଗସ୍ତ କରିବ ଏବଂ କୋଚିରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ।

ବୁଧବାର, ୨୬ ମାର୍ଚ୍ଚରେ, ଏଚଏସବିସି ଇଣ୍ଡିଆ ଆର୍ଜେଣ୍ଟିନା ଦଳର ଆଧିକାରିକ ଅଂଶୀଦାର ହୋଇ ଘୋଷଣା କରିଛି ଯେ ମ୍ୟାଚ୍ ଅକ୍ଟୋବରରେ ଅନୁଷ୍ଠିତ ହେବ, ଭାରତରେ ଫୁଟବଲ୍‌କୁ ସହଯୋଗ ଏବଂ ପ୍ରୋତ୍ସାହନ କରିବ। "ଏହି ସହଭାଗୀତା ଅଧୀନରେ, କିମ୍ବଦନ୍ତୀ ଖେଳାଳି ଲିଓନେଲ୍ ମେସିଙ୍କ ସମେତ ଆର୍ଜେଣ୍ଟିନା ଜାତୀୟ ଫୁଟବଲ୍ ଦଳ ଅକ୍ଟୋବର ୨୦୨୫ରେ ଏକ ଅନ୍ତର୍ଜାତୀୟ ପ୍ରଦର୍ଶନୀ ମ୍ୟାଚ୍ ପାଇଁ ଭାରତ ଗସ୍ତ କରିବେ ବୋଲି" ଏଚଏସବିସି ଇଣ୍ଡିଆର ଏକ ବିଜ୍ଞପ୍ତିରେ କୁହାଯାଇଛି।

"ଆର୍ଜେଣ୍ଟିନା ଫୁଟବଲ୍ ଆସୋସିଏସନ୍ (ଏଏଫଏ) ଏବଂ ଏଚଏସବିସି ବୁଧବାର ଭାରତ ଏବଂ ସିଙ୍ଗାପୁର ପାଇଁ ଏକ ନୂତନ ଏକ ବର୍ଷର ସହଭାଗୀତା ସ୍ୱାକ୍ଷର ଘୋଷଣା କରିଛନ୍ତି, ଯାହା ୨୦୨୬ ବିଶ୍ୱକପ୍ ଯୋଗ୍ୟତା ଫାଇନାଲ ମ୍ୟାଚ୍ ପୂର୍ବରୁ ୨୦୨୫ରେ ପ୍ରତିଯୋଗିତାମୂଳକ ଋତୁକୁ କଭର କରିବ।" ମେସିଙ୍କ ପ୍ରଥମ ଭାରତ ଯାତ୍ରା ସେପ୍ଟେମ୍ବର ୨୦୧୧ରେ ହୋଇ ଥିଲା, ଯେତେବେଳେ ସେ କୋଲକାତାରେ ଭେନେଜୁଏଲା ବିପକ୍ଷରେ ଏକ ବିଶ୍ୱକପ୍ ଯୋଗ୍ୟତା ମ୍ୟାଚ୍ ଖେଳିଥିଲେ। ସଲ୍ଟ ଲେକ୍ ଷ୍ଟାଡିୟମରେ ଆର୍ଜେଣ୍ଟିନା ୧-୦ ବିଜୟ ହାସଲ କରିଥିଲା। ଇଣ୍ଟରନ୍ୟାସନାଲ୍ ଓ୍ୱେଲ୍ସ ଏବଂ ପ୍ରିମିୟର ବ୍ୟାଙ୍କିଂ ଏଚଏସବିସି ଇଣ୍ଡିଆର ମୁଖ୍ୟ ସନ୍ଦୀପ ବାତ୍ରା କହିଛନ୍ତି: "ଯେତେବେଳେ ଆମେ ଫୁଟବଲ୍ ବିଶ୍ୱର ସବୁଠାରୁ ସମ୍ମାନିତ ଦଳଗୁଡ଼ିକ ମଧ୍ୟରୁ ଗୋଟିଏ ସହିତ ମିଶିଛୁ, ଆମେ ପ୍ରଶଂସକ ଏବଂ ଗ୍ରାହକମାନଙ୍କ ପାଇଁ ଅବିସ୍ମରଣୀୟ ଅଭିଜ୍ଞତା ସୃଷ୍ଟି କରିବାକୁ ଏବଂ ୨୦୨୬ ବିଶ୍ୱକପ୍ ଆଡକୁ ଆର୍ଜେଣ୍ଟିନା ଦଳକୁ ସମର୍ଥନ କରିବାକୁ ଅପେକ୍ଷା କରିଛୁ।"

ବିଳାସପୂର୍ଣ୍ଣ ବଙ୍ଗଳା କିଣିଲେ ସୂର୍ଯ୍ୟକୁମାର ଯାଦବ

ନୂଆଦିଲ୍ଲୀ

ସୂର୍ଯ୍ୟକୁମାର ଯାଦବ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଅନେକ ଥର ବିସ୍ଫୋରକ ବ୍ୟାଟିଂ କରିଛନ୍ତି। କିନ୍ତୁ ସେ ଓଚଖ ୨୦୨୫ର ତାଙ୍କର ପ୍ରଥମ ମ୍ୟାଚରେ କିଛି ବିଶେଷ କରିପାରି ନ ଥିଲେ। ସୂର୍ଯ୍ୟକୁମାର ଏବଂ ତାଙ୍କ ପତ୍ନୀ ଦେବୀଶା ଶେଟ୍ଟୀ ମୁମ୍ବାଇରେ ଦୁଇଟି ନୂତନ ଘର କିଣିଛନ୍ତି। ଏଗୁଡ଼ିକର ମୂଲ୍ୟ କୋଟି କୋଟି ଟଙ୍କା। ସୂର୍ଯ୍ୟକୁମାର ଯାଦବ ଦେଓନାରର ଗୋଦରେଜ ସ୍କାଏ ଟେରାସ୍‌ରେ ଦୁଇଟି ନୂତନ ଆପାର୍ଟମେଣ୍ଟ କିଣିଛନ୍ତି। ଏହାର ମୋଟ କାର୍ପେଟ କ୍ଷେତ୍ରଫଳ ପ୍ରାୟ ୪୨୨୨.୭୬ ବର୍ଗଫୁଟ୍। ସୂର୍ଯ୍ୟଙ୍କ ନୂତନ ଫ୍ଲାଟର ମୂଲ୍ୟ ପ୍ରାୟ ୨୧.୧୧ କୋଟି ଟଙ୍କା। ଫ୍ଲାଟ କିଣିବା ଉପରେ ୧.୨୬ କୋଟି ଟଙ୍କାର ଷ୍ଟାମ୍ପ ଡ୍ୟୁଟି ମଧ୍ୟ ପୈଠ କରାଯାଇଛି। ସୂର୍ଯ୍ୟଙ୍କ ନୂତନ ଫ୍ଲାଟର ଭିତର ଫଟୋ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ।

ଗଞ୍ଜାମ ପୋଲିସ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଆର୍ଜିପଲ୍ଲୀ ଟିମ୍ ଚାମ୍ପିଅନ

ଛତ୍ରପୁର, ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମ ପୋଲିସ ପକ୍ଷରୁ ଜନ ସମ୍ପର୍କ ବୃଦ୍ଧି କରିବା ଉଦ୍ଦେଶ୍ୟରେ ବୁଧବାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଛତ୍ରପୁର ସ୍ଥିତ ପୋଲିସ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ଟିମ୍ ମିଡ଼ିଆ ଏକାଦଶ, ଆର୍ଜିପଲ୍ଲୀ, ରମ୍ଭା ଏବଂ ଗଞ୍ଜାମ ଉପକୂଳ ଯୁବ ବର୍ଗ ଏବଂ ପୋଲିସ ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଆର୍ଜିପଲ୍ଲୀ ଟିମ୍ ଚାମ୍ପିଅନ ହୋଇଥିଲା। ଆର୍ଜିପଲ୍ଲୀ ଟିମ୍ ୯୦ ରନ କରିଥିବା ବେଳେ ପୋଲିସ ଟିମ୍ ୪୭ ରନ କରିଥିଲେ। ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଯୋଗଦେଇ ବିଜେତା ଓ ରନର୍ସଅପ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଉପକୂଳ ଅଞ୍ଚଳର ଲୋକ ସମ୍ପର୍କ ରକ୍ଷା ପାଇଁ ବିଭିନ୍ନ ମାଧ୍ୟମରେ ପୋଲିସ ଓ ଜନତା ନିକଟତର ହେବା ଲକ୍ଷ୍ୟର ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଥିଲା। ଆଗକୁ ବରିଷ୍ଠ ନାଗରିକ, ମହିଳାମାନଙ୍କ ସହିତ ବିଭିନ୍ନ ମାଧ୍ୟମରେ ସମନ୍ୱୟ ରକ୍ଷା ପ୍ରୟାସ କରାଯିବ ବୋଲି ଏସ୍‌ପି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ସୋମନାଥ ପୃଷ୍ଟି, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ, ସହକାରୀ ଦୁର୍ଗପତି (ଗୃହରକ୍ଷୀ) କେ.ସି. ବେହେରା, ଛତ୍ରପୁର ଥାନା ଆଇଆଇସି ଦେବାଶିଷ ମହାନ୍ତି, ଚମାଖଣ୍ଡି ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ, ମେରାଇନ ଥାନା ଆଇଆଇସି ବିଦ୍ୟା ଭାରତୀ ନାୟକ, ପୋଲିସ ଆରଆଇ ଅମୂଲ୍ୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଧାରାବିବରଣୀ ନରେନ୍ଦ୍ର କୁମାର ସାହୁ ଦେଇଥିଲେ।

ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ୪ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାର

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଖୋର୍ଦ୍ଧାରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା, କର୍ତ୍ତବ୍ୟ ପ୍ରତି ସଜୋଟତା ଏବଂ ନିଷ୍ଠା ପରତା ପାଇଁ, ଡିଭିଜନର ଚାରି ଜଣ ରେଳ କର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାରରେ ସମ୍ମାନିତ କରିଛନ୍ତି। ଶ୍ରୀ ବାଜୱା ଏହି କର୍ମଚାରୀଙ୍କ ଅବିସ୍ମରଣୀୟ ଉତ୍ସର୍ଗକୁ ପ୍ରଶଂସା କରିଥିଲେ ଏବଂ କର୍ତ୍ତବ୍ୟ ପାଳନ କରିବା ସମୟରେ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅବଗତ କରିଥିଲେ।

ଚାରି ଜଣ ପୁରସ୍କାରପ୍ରାପ୍ତଙ୍କ ମଧ୍ୟରୁ ଦୁଇ ଜଣ ସମ୍ମାନିତ ବ୍ୟକ୍ତି ହେଉଛନ୍ତି, ସୁନନ୍ଦା କୁମାର ବେହେରା, ଷ୍ଟେସନ ମ୍ୟାନେଜର/ଯୋରନ୍ଦା ଏବଂ ଟେକି ଶ୍ରୀନିବାସ ରାଓ, ଟେକ୍ନିସିଆନ୍-୧/ପଲାସା। ଏହି ଦୁଇ କର୍ମଚାରୀଙ୍କ ସତର୍କତା ଏବଂ ଉପସ୍ଥିତି ବୁଦ୍ଧି ଯୋଗୁ ଟ୍ରେନଗୁଡ଼ିକର ସୁରକ୍ଷିତ ଏବଂ ଦକ୍ଷ ପରିଚାଳନା ସୁନିଶ୍ଚିତ ହୋଇଛି।

ତୃତୀୟ ସମ୍ମାନିତ ବ୍ୟକ୍ତି ହେଉଛନ୍ତି, ଡ଼ି ରମେଶ ବାରିକି, ଚିଫ୍ କଣ୍ଟ୍ରୋଲୋର/ଖୋର୍ଦ୍ଧା ରୋଡ଼। ଟ୍ରେନ ପାସ କରାଉଥିବା କର୍ମଚାରୀଙ୍କୁ ସୁରକ୍ଷା ପରାମର୍ଶ ଦେବାରେ ତାଙ୍କ କର୍ତ୍ତବ୍ୟରେ ଅତୁଳନୀୟ। ଚତୁର୍ଥ ପୁରସ୍କାରପ୍ରାପ୍ତ ବ୍ୟକ୍ତି ହେଉଛନ୍ତି, ସୁକେନ୍ଦ୍ର ବେହେରା, ସେଫ୍ଟି ଇନ୍‌ଷ୍ଟ୍ରକ୍ଟର, ଖୋର୍ଦ୍ଧା ରୋଡ଼। ସେ ବିପର୍ଯ୍ୟୟ ପରିଚାଳନା ଯୋଜନା, ରାତି ପାହ୍ୟା ପ୍ଲେଟ୍ ଯାଞ୍ଚ ଏବଂ ଜୋନାଲ, ଆନ୍ତଃ ଜୋନାଲ ସୁରକ୍ଷା ଅଡିଟ୍ ଯାଞ୍ଚରେ ସହାୟତା, ବହୁତ ତତ୍ପରତାରେ ସହାୟତା କରିଥାନ୍ତି।

ଏହି ସମ୍ବର୍ଦ୍ଧନା ସମାରୋହ ଡିଆରଏମ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ, ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଓପି) ତଥା ଶୁଭ୍ରଜ୍ୟୋତି ମଣ୍ଡଳ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା), ନମୋନାରାୟଣ ମୀନା, ଖୋର୍ଦ୍ଧାରୋଡ଼ର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତରେ ଆୟୋଜନ କରାଯାଇଥିଲା।

ମନରେଗା ଯୋଜନାରେ ପଞ୍ଜିକୃତ ହେଲେ ମହମ୍ମଦ ଶାମିଙ୍କ ଭଉଣୀ, ଭିଣୋଇ

ନୂଆଦିଲ୍ଲୀ

ଭାରତୀୟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ଭଉଣୀ ଏବଂ ଭିଣୋଇ କେନ୍ଦ୍ର ସରକାରଙ୍କ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧୀନରେ ପଞ୍ଜିକୃତ ହୋଇ ମଜୁରି ଗ୍ରହଣ କରିଥିବା ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟରେ ଦାବି କରାଯାଇଛି ଯେ, ୨୦୨୧ରୁ ୨୦୨୪ ମଧ୍ୟରେ ଶାମିଙ୍କ ଭଉଣୀ ଶାବିନା ଏହି ଯୋଜନା ଅଧୀନରେ ଏକ ଶ୍ରମିକ ଭାବେ ପଞ୍ଜିକୃତ କରି ଟଙ୍କା ଗ୍ରହଣ କରିଥିଲେ। ତେବେ ଏହି ଖବର ବିଷୟରେ ଶାମିଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ନିକଟରେ ଶେଷ ହୋଇଥିବା ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମୁକାବିଲାରେରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶାମି ଏକ ନିଆରା ରେକର୍ଡ ନିଜ ନାମରେ ସାମିଲକ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ପାଇଁ ମିଳିତ ଭାବେ ସର୍ବାଧିକ ଉଇକେଟ ନେଇଥିବା ଶାମି କିନ୍ତୁ ଫାଇନାଲ ମୁକାବିଲାରେ ଅଧିକ ରନ୍ ବ୍ୟୟ କରିଥିଲେ। ୯ ଓଭର ବୋଲିଂ କରି ଶାମି ୭୪ ରନ୍ ବ୍ୟୟରେ ମାତ୍ର ଗୋଟିଏ ଉଇକେଟ ପାଇଥିଲେ। ଏଥିସହିତ ଶାମି ଦ୍ୱିତୀୟ ସର୍ବାଧିକ ରନ୍ ବ୍ୟୟ କରିଥିବା ବାହାରତୀୟ ବୋଲର ହୋଇଥିଲେ। ପୂର୍ବରୁ ୨୦୧୩ରେ ଉମେଶ ଯାଦବ ୭୫ ରନ୍ ବ୍ୟୟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ ଉଇକେଟ ନେଇଥିଲେ।

୭୧ତମ ସିନିଅର ଆନ୍ତଃ ଜିଲ୍ଲା ଭଲିବଲ ଚାମ୍ପିଅନସିପ୍‌ରେ କେନ୍ଦୁଝରକୁ ସାଫଲ୍ୟ

କେନ୍ଦୁଝର,ନ୍ୟୁଜ୍

ଚଳିତ ମାସ ୨୦ରୁ ୨୩ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିଅମରେ ଓଡ଼ିଶା ଭଲିବଲ ଆସୋସିଏସନ ଓ କିଟ୍ ବିଶ୍ୱ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ୭୧ତମ ଆନ୍ତଃଜିଲ୍ଲା ସିନିଅର ଭଲିବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଏକ ହଜାରରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶ ଗ୍ରହଣ କରିଥିଲେ। କୋଚ୍ ମାନସ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କେନ୍ଦୁଝର ଦଳ ଭାଗ ନେଇ ଉନ୍ନତଖେଳ ପ୍ରଦର୍ଶନ କରି ଚାମ୍ପିଅନସିପ୍‌ରେ ତୃତୀୟ ସ୍ଥାନ ହାସଲ କରିବା ସହିତ ଶ୍ରେଷ୍ଠ ଜିଲ୍ଲା ଭାବରେ ସମ୍ମାନିତ ହୋଇଥିଲା। ରାଜା, ଅଜୁ, ଅକ୍ଷର, ପିଣ୍ଟୁ, ଟିକି ଦୀପା, ଲୁଲୁ, ମିକି, ଋଷି, କାଳିଆ, ଶ୍ରୀକାନ୍ତ, ବାପୁ ପ୍ରମୁଖ କେନ୍ଦୁଝର ଜିଲ୍ଲାକୁ ପ୍ରତିନିଧିତ୍ୱ କରି ଉତ୍କର୍ଷତା ପ୍ରଦର୍ଶନ କରିଥିଲେ। ଜିଲ୍ଲା ଖେଳାଳିଙ୍କ ଏହି ପରାକାଷ୍ଠା ଯୋଗୁଁ କ୍ରୀଡ଼ା ସଂସ୍ଥା ସାଧାରଣ ସମ୍ପାଦକ ଡଃ ଜନାର୍ଦ୍ଦନ ଦାଶ, ଏକ୍‌ଜିକ୍ୟୁଟିଭ ମେମ୍ବର ସନ୍ଦୀପ ବେହେରା ଅଭିନନ୍ଦନ ଜ୍ଞାପନ କରିଛନ୍ତି। ଉଦ୍‌ଘାଟନ ସମାରୋହରେ ଓଡ଼ିଶା ଭଲିବଲ ଆସୋସିଏସନ ସଭାପତି ଅଚ୍ୟୁତ ସାମନ୍ତ, ଭୁବନେଶ୍ୱର ଦୌଡ଼କୁଦ ସଂଘ ସଭାପତି ସୁରେଶ କୁମାର ରାଉତରାୟ, ଓଭିଏ ସମ୍ପାଦକ ଗଗନେନ୍ଦୁ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ କ୍ରୀଡ଼ାବିତ୍ କ୍ରୀଡ଼ା ପ୍ରଶାସକ ଯୋଗ ଦେଇଥିଲେ।

'ବେଟି ବଚାଓ ବେଟି ପଢାଓ' ସଚେତନତା ରଥ ପରିକ୍ରମା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

ଜିଲ୍ଲା ସ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୭ ମାର୍ଚ୍ଚ, ୨୦୨୫ ଗୁରୁବାର

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିରୋଧୀଙ୍କ ବିଶୃଙ୍ଖଳା ...

ଆଚରଣ ପ୍ରଦର୍ଶନ କରି ଆସୁଛନ୍ତି। ବିଶେଷକରି ଗତ ୨୦ ତାରିଖ ଠାରୁ ବିରୋଧୀ କଂଗ୍ରେସର ବିଧାୟକମାନେ ବାରମ୍ବାର ଘଣ୍ଟ, ତୂରୀ, ବଂଶୀ, ଗିନି ବଜାଇ କଳାବ୍ୟାଜ୍ ଓ କଳା ପୋଷାକ ପରିଧାନ କରି ଗୃହ କାର୍ଯ୍ୟରେ ଯେଭଳି ବାଧା ସୃଷ୍ଟି କଲେ, ତାହା ଆଦୌ ଶୋଭନୀୟ ନୁହେଁ କି ଗ୍ରହଣୀୟ ନୁହେଁ। ବିରୋଧୀ ଦଳର ଏ ପ୍ରକାର କାର୍ଯ୍ୟ ଦ୍ୱାରା ଗୃହର ମର୍ଯ୍ୟାଦା ଓ ପରମ୍ପରା ହାନି ଘଟିଛି। ତେବେ ସମସ୍ୟାର ସମାଧାନ ପାଇଁ ଗତ ୧୦ ତାରିଖ, ୧୩ ତାରିଖ, ୨୪ ତାରିଖ ଏବଂ ୨୫ ତାରିଖରେ ସର୍ବଦଳୀୟ ବୈଠକ ଡକାଯାଇ ଗୃହର ସୁପରିଚାଳନା ପାଇଁ ଆଲୋଚନା ହୋଇଥିଲେ ମଧ୍ୟ ସେଥିରେ ସେମାନେ ସନ୍ତୁଷ୍ଟ ନହୋଇ ସେମାନଙ୍କର ଦାବିରେ ହଙ୍ଗାମା ଓ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ ଜାରି ରଖିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ କାଳରେ ୮ଟି ଦିବସ ମଧ୍ୟରୁ ମାତ୍ର ୨ଦିନ ପ୍ରଶ୍ନୋତ୍ତର ହୋଇଥିଲା ଏବଂ ଏହି ସମୟରେ ମାତ୍ର ୮ଟି ପ୍ରଶ୍ନର ଉତ୍ତର ଦିଆଯାଇଥିଲା। ବିରୋଧୀ ଦଳର ଏ ପ୍ରକାର ବିଶୃଙ୍ଖଳିତ ଆଚରଣ ପାଇଁ ଗୃହ ବାରମ୍ବାର ମୁଲତବୀ ରହିବା ଫଳରେ ଗୃହର ୩୯ ଘଣ୍ଟା ୨ମିନିଟ୍ ମୂଲ୍ୟବାନ ସମୟ ନଷ୍ଟ ହୋଇଯାଇଛି ଯାହା ଅତ୍ୟନ୍ତ ନୈରାଶ୍ୟଜନକ ଓ ଦୁଃଖଦାୟକ ବୋଲି ବାଚସ୍ପତି କହିଥିଲେ। ୨୫ ତାରିଖରେ ଉପ ବାଚସ୍ପତି ବିରୋଧୀ କଂଗ୍ରେସ ବିଧାୟକମାନଙ୍କୁ ଘଣ୍ଟଘଣ୍ଟା, ତୂରୀ ଗୃହକୁ ନ ଆଣି ଗୃହରେ ନ ବଜାଇ ଏବଂ ଗୃହର ମୂଲ୍ୟବାନ ସମୟ ନଷ୍ଟ ନ କରିବା ପାଇଁ ବାରମ୍ବାର ଅନୁରୋଧ ଶୁଣାଇଥିଲେ ମଧ୍ୟ ଏବଂ ତାଗିଦ କରିଥିଲେ ମଧ୍ୟ ସେଥିପ୍ରତି ସେମାନେ କର୍ଣ୍ଣପାତ କରିନାହାଁନ୍ତି। ଯେଉଁଥି ପାଇଁ ୧୨ ଜଣ କଂଗ୍ରେସ ବିଧାୟକଙ୍କୁ ଗୃହରୁ ୭ ଦିନ ପାଇଁ ନିଲମ୍ବନ କରାଯାଇଥିଲା। ଗୃହକୁ ମଙ୍ଗଳବାର ସନ୍ଧ୍ୟା ୬.୪୫ରେ ମୁଲତବୀ ଘୋଷଣା ପରେ ନଲମ୍ବିତ ସଦସ୍ୟମାନେ ଗୃହ ମଧ୍ୟରେ ରହିଥିଲେ। ସେମାନଙ୍କୁ ଗୃହ ପରିତ୍ୟାଗ କରିବାକୁ କୁହାଯାଇଥିଲେ ସୁଦ୍ଧା ଏବଂ ଏଥିପାଇଁ ମାର୍ଶାଲଙ୍କୁ ସେମାନଙ୍କ ସହ ଆଲୋଚନା କରିବାକୁ କୁହାଯାଇଥିଲେ ସୁଦ୍ଧା ସେମାନେ ଗୃହରୁ ଯାଇନଥିଲେ। ବିଳମ୍ବିତ ରାତି ଯାଏ ଗୃହର ମଧ୍ୟଭାଗରେ ଧାରଣା ଦେଇଥିଲେ। ସେଥିପାଇଁ ସେମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ସେ ବିଧାନସଭା ସଚିବାଳୟକୁ ଏବଂ ସୁରକ୍ଷା କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ବୋଲି ବାଚସ୍ପତି କହିଥିଲେ। ରାତି ୯ଟା ବେଳେ ସଦସ୍ୟମାନେ ବିଧାନସଭା କକ୍ଷରୁ ବାହାରି ବାରଣ୍ଡାରେ ବୁଲାବୁଲି କରୁଥିଲାବେଳେ ସେମାନଙ୍କ ପାଖକୁ ବାହାରୁ ଆସିଥିବା କଂଗ୍ରେସ ନେତା ଓ କର୍ମୀ ମିଶିଥିଲେ। ପରେ ସେମାନେ ବିଧାନସଭା ସୁରକ୍ଷା କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। କିଛି ସୁରକ୍ଷା କର୍ମଚାରୀ ଏହି ଘଟଣାରେ ଆହତ ମଧ୍ୟ ହୋଇଛନ୍ତି। ସାମଗ୍ରିକ ଭାବେ ଏଭଳି ଘଟଣାକୁ କେହି ସହଜରେ ଗ୍ରହଣ କରିପାରିବେ ନାହିଁ। ଏତାଦୃଶ ଘଟଣା ପାଇଁ ସେ ଯେଉଁ ପଦକ୍ଷେପ ଗ୍ରହଣ ସ୍ୱରୂପ ନିଲମ୍ବନ ଆଦେଶ ଦେଇଛନ୍ତି, ସେଥିରେ କୌଣସି ପକ୍ଷପାତିତା ହୋଇନାହିଁ ବରଂ ଯୁକ୍ତିଯୁକ୍ତ ବୋଲି ବାଚସ୍ପତି ଦୃଢୋକ୍ତି ପ୍ରକାଶ କରିଥିଲେ। ଅନ୍ୟ ପକ୍ଷରେ ବିଜେଡ଼ିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ବାଚସ୍ପତିଙ୍କ ବିବୃତ୍ତିକୁ ଅସମ୍ପୂର୍ଣ୍ଣ ଓ ଅଯୌକ୍ତିକ ବୋଲି ଦର୍ଶାଇ ଏହାର ପରିବର୍ତ୍ତନ ପାଇଁ ନିବେଦନ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ, କିଛି ବାହାରିଆ ଲୋକ ଯଦି ବିଧାନସଭାରେ ପ୍ରବେଶ କରିଛନ୍ତି, ତେବେ ତାହା ଅତ୍ୟନ୍ତ ଦୁଃଖଦାୟକ ଓ ଦୁର୍ଭାଗ୍ୟର କଥା। ତେବେ କଂଗ୍ରେସ ବିଧାୟକମାନଙ୍କ ଅଭିଯୋଗ ରହିଛି ଯେ, ପୋଲିସ୍ ସେମାନଙ୍କୁ କଦର୍ଯ୍ୟ ଭାଷାରେ ଗାଳିଗୁଳଜ କରିବା ସହିତ ଆକ୍ରମଣ କରିଛି। ସାମ୍ବିଧାନିକ ବ୍ୟବସ୍ଥାରେ ଏ ପ୍ରକାର ଅଗଣତାନ୍ତ୍ରିକ କାର୍ଯ୍ୟ କିପରି ହେଲା ବୋଲି ସେ ପ୍ରଶ୍ନ କରିଥିଲେ। ପୋଲିସ୍ ଓ ସୁରକ୍ଷା କର୍ମଚାରୀ କିଭଳି ବିଧାୟକଙ୍କୁ ମାଡ଼ ମାରି ଆକ୍ରମଣ କଲେ। ବୁଧବାର ବିଜେଡ଼ିର ବିଧାୟକମାନେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପାଇଁ ଏ.ଜି ଛକକୁ ଯିବା ନିମନ୍ତେ ବିଧାନସଭାରୁ ବାହାରିବା ବେଳେ ସେମାନଙ୍କୁ ଗେଟ୍‌ରେ ତାଲା ପକାଇ ୧୫ ମିନିଟ୍ ପର୍ଯ୍ୟନ୍ତ ଅଟକ ରଖାଯାଇଥିଲା। ଫେରିଲା ବେଳକୁ ମଧ୍ୟ ଭିତରକୁ ଛଡ଼ାଯାଇ ନଥିଲା। ପୋଲିସ୍ ଓ ସୁରକ୍ଷା କର୍ମଚାରୀ ଆମ ବିଧାୟକମାନଙ୍କ ଉପରେ ଆକ୍ରମଣ ଓ ଠେଲାପେଲା କରିଛନ୍ତି। ଏଥିରେ ବିଜେଡ଼ିର ଅନେକ ବିଧାୟକ ଆହତ ହୋଇଛନ୍ତି ବୋଲି ସେ ଦର୍ଶାଇଥିଲେ। ଶ୍ରୀ ଆଚାର୍ଯ୍ୟ ଏହା କହିବା ପରେ ବିଜେଡ଼ିର ବିଧାୟକମାନେ ପୁନର୍ବାର କକ୍ଷ ତ୍ୟାଗ କରିଥିଲେ। ତେବେ ବାଚସ୍ପତି ସେମାନଙ୍କୁ ଗୃହରେ ସ୍ୱରାଷ୍ଟ୍ର ଓ ସାଧାରଣ ପ୍ରଶାସନ ବିଭାଗ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଥିବାରୁ ଏଥିରେ ଭାଗ ନେବା ଏବଂ ଗୃହରେ ଉପସ୍ଥିତ ରହି ସହଯୋଗ କରିବାକୁ ବାରମ୍ବାର ନିବେଦନ କରିଥିଲେ ମଧ୍ୟ ବିଜେଡ଼ି ବିଧାୟକମାନେ ସେଥିପ୍ରତି କର୍ଣ୍ଣପାତ ନ କରି ଗୃହରୁ ବାହାରି ଯାଇଥିଲେ।

ଆଗାମୀ ଅଢ଼େଇ...

ପ୍ରାପ୍ତ କରିବାର ସମ୍ଭାବନା। ଶନିଦେବଙ୍କ ଚଳନ ସମୟର ଚନ୍ଦ୍ର ଶୁଭାଶୁଭକୁ ଆଲୋକପାତ କଲେ ଜଣାଯାଏ - ଚଳନ ସମୟରେ ଗୋଚରରେ ଅଶୁଭଥିଲେ ମଧ୍ୟ ଚନ୍ଦ୍ର ଶୁଭ କାରଣରୁ ମେଷ, କନ୍ୟା, ଧନୁ ଓ ମୀନ ରାଶିକୁ ଶୁଭାଶୁଭ ମିଶ୍ରିତ ଫଳ ପ୍ରଦାନ କରିବେ। ଏହାବ୍ୟତୀତ କର୍କଟ, ସିଂହ, ବିଛା ଓ କୁମ୍ଭ ରାଶିଜାତ ବ୍ୟକ୍ତିମାନଙ୍କର ଗୋଚରରେ ତଥା ଚନ୍ଦ୍ର ଅଶୁଭ ହେତୁ ଅଶୁଭ ଫଳ ପ୍ରାପ୍ତ କରିବେ। ଶନି ଚଳନରେ ଦଶମ, ଷଷ୍ଠ, ଏକାଦଶ ଓ ତୃତୀୟ ଭାବରେ ରହୁଥିବା ରାଶିମାନେ ଶୁଭଫଳ ଲାଭ କରିଥାନ୍ତି। ଅନ୍ୟଥା ଅଶୁଭଫଳ ଲାଭ ହୁଏ। ଜ୍ୟୋତିଷ ଶାସ୍ତ୍ରମତେ ଏ ଚଳନରେ ମେଷ ରାଶିର ଦ୍ୱାଦଶ, ଫଳ ବ୍ୟୟ ବୃଦ୍ଧି, ଅଯଥା ଅନର୍ଥ ଓ ଦ୍ୱନ୍ଦ୍ୱ। ବୃଷ ରାଶିର ସ୍ଥିତି ଏକାଦଶ କାରଣରୁ ବିଭିନ୍ନ ସୁଖସମ୍ପଦ ଓ ସମ୍ମାନ ଲାଭ। ମିଥୁନ ରାଶିର ଦଶମ ଭାବ ହେତୁ ପୁରାତନ ରୋଗରୁ ଆରୋଗ୍ୟର ଆଭାସ, ନବମ ଭାବରେ କର୍କଟ ରାଶିର ବୃଥା ଭ୍ରମଣ ଯୋଗ, ସିଂହ ରାଶିର ଅଷ୍ଟମ ଭାବ ହେତୁ ସ୍ୱାସ୍ଥ୍ୟକ୍ଷେତ୍ରରେ ବିଚ୍ୟୁତ ପରିଲକ୍ଷିତ ହେବ। କନ୍ୟାରାଶିର ସପ୍ତମ ଭାବ କାରଣରୁ ବିଭିନ୍ନ ଅନିଷ୍ଟ ଓ ଅପମାନ ପ୍ରାପ୍ତି। ତୁଳାରାଶିର ଏ ଚଳନରେ ଷଷ୍ଠ କାରଣରୁ ଅର୍ଥ ଲାଭ ସହିତ ଆନ୍ଦ ପ୍ରାପ୍ତି। ବିଛା ରାଶିର ପଞ୍ଚମ ଶନି ପୁତ୍ର, ଭୃତ୍ୟ ଓ ଅର୍ଥନାଶକାରୀ ହୋଇଥାନ୍ତି। ଧନୁ ରାଶିର ଶନି ଚତୁର୍ଥ ଭାବରେ ବନ୍ଧୁନାଶକାରୀ ହୋଇଥାନ୍ତି। ମକର ରାଶିର ଏଥର ତୃତୀୟ ଶନି ଶତ୍ରୁ ହାନି କରିଥାନ୍ତି। କୁମ୍ଭ ରାଶିର ଦ୍ୱିତୀୟ ଶନି ମୃତ୍ୟୁବତ୍ ପୀଡ଼ା ପ୍ରଦାନ କରିଥାନ୍ତି। ମୀନ ରାଶିର ଜନ୍ମ ଶନି ଅର୍ଥହାନି, ମନସ୍ତାପ ତଥା କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି କରନ୍ତି। ମୋଟାମୋଟି ଜ୍ୟୋତିଶାସ୍ତ୍ରରେ ଏହିପରି ବର୍ଣ୍ଣନା ରହିଥିଲେ ମଧ୍ୟ ସଂକ୍ଷିପ୍ତରେ ଏ ଚଳନରେ ଫଳାଫଳ ନିମ୍ନମତେ ମିଳିବାର ଆଶା।

ମେଷ : ଆପଣଙ୍କର ଏ ଚଳନରେ ଦ୍ୱାଦଶ ଶନି ଭୋଗ ହେବେ। ତେଣୁ ପାରିବାରିକ ଦ୍ୱନ୍ଦ୍ୱର ତଥା କର୍ମ କ୍ଷେତ୍ରରେ ଅଶାନ୍ତିର ସୂତ୍ରପାତ ହେବାର ଆଶା, ବହୁ ସମୟରେ ଅର୍ଥ ହିଁ ଅନର୍ଥର ମୂଳ କାରଣ ହେବାର ଅନୁମେୟ, ଅଯଥା ଖର୍ଚ୍ଚର ପରିମାଣ ବଢ଼ିବ, ଶାରୀରିକ ସୁସ୍ଥତା ଅନୁଭବ କଲେ ମଧ୍ୟ ଅସ୍ଥିମଜ୍ଜା ଜନିତ ରୋଗ ସୃଷ୍ଟିର ସମ୍ଭାବନା।

ବୃଷ : ଆପଣଙ୍କ ରାଶିରେ ଏକାଦଶ ଶନି ଭୋଗ ଶୁଭକାରକ ଅଟେ। ପରିବାରରେ ସୁଖ ଶାନ୍ତି ବିରାଜମାନ କରିବ, କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ପାଇବ, ସାମାଜିକ କ୍ଷେତ୍ରରେ ନିଜର ଆଧିପତ୍ୟ ବଜାୟ ରହିବ, ରାଜନୈତିକ ବ୍ୟକ୍ତିମାନେ କର୍ମପ୍ରାପ୍ତିରେ ଆନନ୍ଦିତ ହେବେ, ପୁତ୍ରକନ୍ୟାଙ୍କ ଉନ୍ନତିରେ ପ୍ରଫୁଲ୍ଲିତ ହେବେ, ଆୟର ପରିମାଣ ବଢ଼ିବ, ନୂତନ ଯାନବାହନ କ୍ରୟର ଆଶା।

ମିଥୁନ : ଆପଣଙ୍କର ଦଶମ ଶନି ଆନନ୍ଦଦାୟକ ହେବେ। ପରିବାରରେ ସମସ୍ତଙ୍କ ସହଯୋଗ ଲାଭ କରିବେ, ଅକସ୍ମାତ୍ ପୁରାତନ ସମ୍ପତ୍ତି ପ୍ରାପ୍ତ କରିବା ସଙ୍ଗେସଙ୍ଗେ ପୁରୁଣାରୁ ପୁରୁଣା ରୋଗର ଉପଶମ ସାଧିତ ହେବ, କନ୍ୟାସନ୍ତାନ ଦ୍ୱାରା ସାଫଲ୍ୟତା ଲାଭ କରିବେ, ଆୟ ପୂର୍ବପରି ସ୍ଥିର ରହିବ, କୌଣସି ନୂତନ କାର୍ଯ୍ୟରେ ଯୋଗଦାନ କରିବେ, ବିଭିନ୍ନ ପ୍ରକାର ଶୁଭ କର୍ମ କରିବା ବା କରାଇବାର ସୁଯୋଗ ପାଇବେ।

କର୍କଟ : ଆପଣଙ୍କର ଏ ଚଳନରେ ନବମ ଶନି ଭୋଗ ହେବେ। ଫଳରେ ପରିବାରରେ କାର୍ଯ୍ୟ ଭାର ବଢ଼ିବ, ରୋଗ ଜଞ୍ଜାଳରେ ପଡ଼ି ଅଶାନ୍ତି ଭୋଗ କରିପାରନ୍ତି, କୌଣସି କାର୍ଯ୍ୟ ନଥାଇ ମଧ୍ୟ ବୃଥାରେ ଏଣେତେଣେ ବୁଲିବାକୁ ପଡ଼ିବ, ନିଜ ଲୋକ ପାଇଁ ବ୍ୟତିବ୍ୟସ୍ତ ହେବେ, ବନ୍ଧୁମାନେ ଅସହଯୋଗ କରିପାରନ୍ତି, ଆୟ ଅବ୍ୟାହତ ରହିଲେ ମଧ୍ୟ ପରିଶ୍ରମର ପରିମାଣ ବୃଦ୍ଧିପାଇବାର ଆଶଙ୍କା।

ସିଂହ : ଅଷ୍ଟମ ଶନି ଆପଣଙ୍କୁ ବିଭିନ୍ନ ଅସୁବିଧାରେ ପକାଇ ପାରନ୍ତି। କର୍ମକ୍ଷେତ୍ରରେ ଅପଦସ୍ତ ହେବେ, ବ୍ୟୟ ବୃଦ୍ଧି ପାଇବ, ସନ୍ତାନ ସନ୍ତତିଙ୍କ କୁଦୋଷ ପାଇଁ ନିଜକୁ ଅପରାଧୀ ମନେ କରିବେ, ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି, ପୈତୃକ ସମ୍ପତ୍ତି କ୍ଷୟ ହେବାର ଅନୁମେୟ, ଅକସ୍ମାତ୍ ଦ୍ରବ୍ୟ ନଷ୍ଟ ହୋଇପାରେ, ନିଜ ଲୋକ ଶତ୍ରୁପରି ବ୍ୟବହାର କରିବେ, ଯାନବାହନ ଦୁର୍ଘଟଣାର ସମ୍ଭାବନା।

କନ୍ୟା : ଶନିସପ୍ତା ବା ଏ ଚଳନରେ ଶନିଦେବ ସପ୍ତମ କ୍ଷେତ୍ରରେ ଅବସ୍ଥାନ କରିବେ। ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବ, ମାନସମ୍ମାନରେ ହାନି ଘଟିବ, ଯେତେ ଭଲ କାର୍ଯ୍ୟ କଲେ ମଧ୍ୟ ଶିଷ୍ଟତା ପରିବର୍ତ୍ତେ ଅନିଷ୍ଟର ପରିମାଣ ବୃଦ୍ଧି ପାଇବ, ଯାନବାହନ ଓ ଗୃହପାଳିତ ପଶୁଙ୍କ କ୍ଷେତ୍ରରେ କ୍ଷତି, ଆୟର ପରିମାଣ ସ୍ଥିର ରହିଲେ ମଧ୍ୟ ବ୍ୟୟ ବଢ଼ି ଚାଲିବ, ଭ୍ରାତୃଦ୍ୱନ୍ଦ୍ୱର ଆଶଙ୍କା ରହୁଛି।

ତୁଳା : ଆପଣଙ୍କର ଏ ଚଳନରେ ଷଷ୍ଠଶନି ଶୁଭଫଳ ଦାୟକ ହେବେ। ବିଭିନ୍ନ ଦିଗରୁ ଆୟର ପରିମାଣ ବୃଦ୍ଧି ପାଇବା ସହିତ ପୁରାତନ ପ୍ରାପ୍ୟ ମିଳିବାର ସୁଯୋଗ ଆସିବ। ଋଣ ପରିଶୋଧ କରି ଚିନ୍ତାମୁକ୍ତ ହେବେ। ପରିବାର ମଧ୍ୟରେ ବୁଝାମଣା ଠିକ୍ ରହିବ। ଶତ୍ରୁମାନେ ଧୀରେଧୀରେ ଦୂରେଇ ଯିବେ। କର୍ମକ୍ଷେତ୍ରରେ ସୁଖ ଓ ସମ୍ମାନ ପ୍ରାପ୍ତ କରିବେ। ବନ୍ଧୁମାନଙ୍କ ସହଯୋଗରେ ଶୁଭକର୍ମ କରିପାରନ୍ତି। ଶାରୀରିକ ସୁସ୍ଥତା ଅନୁଭବ କରିବେ।

ବିଛା : ଏ ଚଳନରେ ଆପଣଙ୍କର ପଞ୍ଚମ ଶନି ଭୋଗ ହେବେ। ଫଳରେ ବଭିନ୍ନ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ କାଳାତିପାତ କରିବେ, ପରିବାର ମଧ୍ୟରେ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, କର୍ମକ୍ଷେତ୍ରରେ ବାଧା ସୃଷ୍ଟି ହେବ, ସହକର୍ମୀଙ୍କ ସହିତ ମତାନ୍ତର ଓ ଭୃତ୍ୟ ନାଶ ଯୋଗ, ରୋଜଗାର ସୀମିତ ମଧ୍ୟରେ ବ୍ୟୟ ବୃଦ୍ଧି ଅର୍ଥାଭାବ ସୃଷ୍ଟି କରିବ, ପାରିବାରିକ ସମ୍ପର୍କରେ ସନ୍ଦେହ ଘନିଭୂତ ହେବ।

ଧନୁ : ଆପଣଙ୍କ ଏ ଚଳନରେ ଚତୁର୍ଥ ଶନି କ୍ଷତିକାରକ ସାବ୍ୟସ୍ତ ହେବେ। କର୍ମ କ୍ଷେତ୍ରରେ ନଜର ସହକର୍ମୀ ଓ ଉଚ୍ଚ କର୍ମକର୍ତ୍ତା ଶତ୍ରୁତା ଆଚରଣ କରିବେ, ଯେତେ ଭଲ କଲେ ମଧ୍ୟ ସମସ୍ତଙ୍କର କୁନଜରରେ ରହିବେ, ବନ୍ଧୁମତାନ୍ତର ଓ ମନାନ୍ତର ଯୋଗ, ଶାରୀରିକ ସୁସ୍ଥତା ଅନୁଭବ କରିବେ, ପରନ୍ତୁ ଆୟରେ ବାଧା ସୃଷ୍ଟି, ନାନା ପ୍ରକାର ଆଶା ଆଶଙ୍କା ମଧ୍ୟରେ ସମୟ ବିତିବ।

ମକର : ଏ ଚଳନରେ ଆପଣଙ୍କର ତୃତୀୟ ଶନି ଭୋଗ କରିବେ। ଫଳରେ ବିଭିନ୍ନ ଦିଗରୁ ଉନ୍ନତିର ଆଶା ଉଜ୍ଜ୍ୱଳ ହେବ, ଆଶା ଆଶଙ୍କା ଭିତରେ ବିତୁଥିବା ଦିନର ପରିସମାପ୍ତି ଘଟିବ, କର୍ମକ୍ଷେତ୍ରରେ ସବୁରି ପ୍ରିୟଭାଜନ ହେବେ, ଶତ୍ରୁତା ଆଚରଣକାରୀ ବ୍ୟକ୍ତିମାନେ କ୍ରମେ ଦୂରେଇ ଯିବେ, ଆୟର ଅଭିବୃଦ୍ଧି ଘଟିବ, ପାରିବାରିକ ଜୀବନରେ ଶାନ୍ତି ବିରାଜମାନ କରିବ, ସହଧର୍ମିଣୀ ସହଯୋଗ ଲାଭ ହେବ।

କୁମ୍ଭ : ଦ୍ୱିତୀୟ ଶନି ଆପଣଙ୍କର ବିଭିନ୍ନ ପ୍ରକାର ଅଶାନ୍ତି ପ୍ରଦାନ କରିବେ। ପରବାରରେ ଅବହେଳିତ ହେବାର ଆଶଙ୍କା, ସନ୍ତାନ ସନ୍ତତିମାନେ କର୍ମରେ ଅବହେଳା କରିବେ, କର୍ମକ୍ଷେତ୍ରରେ ପରିଶ୍ରମର ଉଚିତ ପ୍ରାପ୍ୟ ନ ପାଇ ବ୍ୟଥିତ ହେବେ, ବହୁ ସମୟରେ ମୃତ୍ୟୁବତ୍ ପୀଡ଼ା ମିଳିବ, ଉପସ୍ଥିତ କର୍ମକର୍ତ୍ତାଙ୍କ ରୋଷର ଶିକାର ହେବେ, ବନ୍ଧୁମାନେ ଅପମାନିତ କରିବେ, ଧର୍ମର ଗ୍ଲାନି ହେବ।

ମୀନ : ଆପଣଙ୍କର ଏ ଚଳନରେ ଜନ୍ମ ଶନି ଭୋଗ ହେବ। ଯେତେ ରୋଜଗାର କଲେ ମଧ୍ୟ ଅଭାବ ଅନଟନ ଲାଗି ରହିବ, କର୍ମକ୍ଷେତ୍ରରେ ପରିଶ୍ରମ ବୃଦ୍ଧି, ମନସ୍ତାପର କାରଣ ହେବ, ଅପବ୍ୟୟ ବୃଦ୍ଧି ପାଇବ, ଅସ୍ଥିରତା ମଧ୍ୟରେ ସମୟ ବ୍ୟତିପାତ ହେବ, ଧନହାନି ଯୋଗ ରହୁଛି, ପାରିବାରିକ ଅସହଯୋଗ ମନରେ ଦୁଃଖ ଆଣିବ, ବନ୍ଧୁବାନ୍ଧବ ମାନେ ସ୍ୱାର୍ଥନ୍ୱେଷୀ ସାଜିବେ, ସନ୍ତାନ ସନ୍ତତି ଅବହେଳିତ ହେବେ।

ଶନିଦେବଙ୍କ ଚଳନ ଫଳାଫଳରେ ଅଶୁଭତ୍ୱ ଅନୁଭବ କଲେ ସେଥିରୁ ନିସ୍ତାର ପାଇଁ ଶାସ୍ତ୍ରୋକ୍ତ ବିଧାନାନୁସାରେ ବିରି, କୃଷ୍ଣତିଳ (ଖସା), ଲୌହପାତ୍ରରେ ତୈଳ, କୋଳଥ ଇତ୍ୟାଦି ଜ୍ୟୋତିଷଙ୍କୁ ଚଳନ ଦିବସରେ ଦାନ କଲେ ସୁଫଳ ପ୍ରାପ୍ତ ହୋଇଥାଏ। ଅନ୍ୟଥା ଅଁଳା ବୃକ୍ଷକୁ ପ୍ରତ୍ୟେକ ଶନିବାର ଦିନ ନିରାମିଷ ଭୋଜନ କରି କୃଷ୍ଣ ପୁଷ୍ପରେ ପୂଜା କଲେ ମଧ୍ୟ କୁଫଳ ବିନାଶ ହୋଇଥାଏ।

ଆଇନ୍ ଶୃଙ୍ଖଳା ଓ ଦୁର୍ନୀତି ପ୍ରସଙ୍ଗରେ...

ବିରୋଧରେ କଠୋର ପଦକ୍ଷେପ ନେବାପାଇଁ ଆମ ସରକାର ସର୍ବଦା ସଂକଳ୍ପବଦ୍ଧ। ୨୦୨୪ ମସିହାରେ ସମୁଦାୟ ୧୨୧୭ଟି ମାମଲା ରୁଜୁ କରାଯାଇ ୧୩୮୪ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରାଯିବା ସହ ୧୬୬୯ ଜଣଙ୍କୁ ଗିରଫ କରାଯାଇଥିଲା। ଆମ ସରକାର ଦାୟିତ୍ୱ ଗ୍ରହଣ କଲାପରେ ରାଜ୍ୟ ପୋଲିସ ପକ୍ଷରୁ ଗତବର୍ଷ ନଭେମ୍ବର ୦୧ ତାରିଖରୁ ଗଞ୍ଜେଇ ଚୋରା ଚାଲାଣ ବିରୋଧରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା । ସେହିପରି ବ୍ରାଉନ ସୁଗାର ଚୋରା କାରବାର ଉପରେ ରୋକ ଲଗାଇବାକୁ ରାଜ୍ୟ ପୋଲିସ ନିୟମିତ ବ୍ୟବଧାନରେ ଚଢଉ ଜାରି ରଖିଛି। ଓଡିଶା ପୋଲିସକୁ ଆହୁରି ସଶକ୍ତ କରିବା ପାଇଁ ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ଆମ ସରକାର ଶାସନକୁ ଆସିବା ପରେ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ବର୍ଗରେ ଖାଲି ପଡିଥିବା ୨୯୨୨ ଗୋଟି ପଦବୀକୁ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପୂରଣ କରିବାକୁ ଅନୁମୋଦନ କରିବା ସହ ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ବର୍ଗରେ ୯୫୫ ପଦବୀ ପୂରଣ କରିବାକୁ ମଧ୍ୟ ଅନୁମୋଦନ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଉକ୍ତ ପଦବୀଗୁଡିକର ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି । ରାଜ୍ୟରେ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଅପରାଧ ନିୟନ୍ତ୍ରଣ କରିବା ହେଉଛି ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା । ସାମୂହିକ ପ୍ରୟାସ, ଜ୍ଞାନ କୌଶଳ ଏବଂ ଦୁରଦୃଷ୍ଟି ଦ୍ୱାରା ରାଜ୍ୟରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ଅପରାଧ ଓ ଜରୁରୀ ସମୟରେ ତୁରନ୍ତ ସେବା ଯୋଗାଇ ଦେବାପାଇଁ ରାଜ୍ୟ ସରକାର ଇଆରଏସ୍‌ଏସ୍ ୨୦୨୧ ମସିହାରେ କେନ୍ଦ୍ର ସରକାରଙ୍କ ସହାୟତାରେ କାର୍ଯ୍ୟକାରୀ କରିଛନ୍ତି । ଯେଉଁଥିରେ ଡାଏଲ୍ ୧୧୨ ହେଲ୍ପଲାଇନ ଓଡିଶାର ସମସ୍ତ ଜିଲ୍ଲାରେ କାର୍ଯ୍ୟ କରିବା ସହିତ ଅନ୍ୟାନ୍ୟ ଜରୁରୀକାଳୀନ ସେବା ଯେପରିକି ପୋଲିସ (୧୦୦) ଅଗ୍ନିଶମ(୧୦୧) ରେଳ ମଦଦ (୧୩୯) ବିପର୍ଯ୍ୟୟ ପରିଚାଳନା (୧୦୭୦) ଆମ୍ବୁଲାନ୍ସ ସେବା (୧୦୮) ଏବଂ ଶିଶୁ ହେଲ୍ପଲାଇନ ସେବା (୧୦୯୮) ସହିତ ସମନ୍ୱିତ ହୋଇଛି । ଜରୁରୀକାଳିନ ପ୍ରତିକ୍ରିୟା ସହାୟତା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ରାଜ୍ୟର ପ୍ରମୁଖ ସହରଗୁଡିକ ମଧ୍ୟରେ ଥିବା କାରାଗାରଗୁଡିକର ସୁରକ୍ଷାକୁ ଦୃଷ୍ଟିରେ ରଖି ସହରର ଉପକଣ୍ଠକୁ ସ୍ଥାନାନ୍ତରିତ କରିବା ପାଇଁ ପଦକ୍ଷେପ ନିଆଯାଇଛି । କାରାଗାରଗୁଡିକର ବନ୍ଦୀମାନଙ୍କୁ ଆଧୁନିକ ସୁବିଧା ଯୋଗା

ଶେଷ ପୃଷ୍ଠା
ଭୁବନେଶ୍ୱର
୨୭ ମାର୍ଚ୍ଚ,
ଗୁରୁବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

ବାବା ଧବଳେଶ୍ୱରଙ୍କ ପୀଠରେ ଲଉଡ଼ି ଉତ୍ସବ ପାଳନ

ଆଠଗଡ଼ ୨୬।୦୩
ନ୍ୟୁଜ ବ୍ୟୁରୋ

ବାବା ଧବଳେଶ୍ୱରଙ୍କ ପୀଠରେ ତୃତୀୟ ଲଉଡ଼ି ଉତ୍ସବ ପାଳନ କରା ଯାଇଛି । ଆଠଗଡ଼ ଗଡ଼ଜାତରେ ରାଜୁତା ଅମଳରୁ ପାଳିତ ହୋଇ ଆସୁଛି ରାଜଦୋଳ । ଏହି ଉତ୍ସବରେ ଗୋପାଳମାନଙ୍କ ଦ୍ୱାରା ଲଉଡ଼ି ନୃତ୍ୟର ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେଉଁ ଆବାହମାନ କାଳରୁ ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୋଳ ଉତ୍ସବରେ ଲଉଡ଼ି ଖେଳ ଚାଲିଆସୁଛି । ତେବେ ଦୋଳ ବିମାନ ଶୋଭାଯାତ୍ରା ସମୟରେ ଲଉଡ଼ି ଖେଳ ଆୟୋଜନ କରାଯାଇଥାଏ । ଆଠଗଡ଼ ଅଞ୍ଚଳର କଦମ୍ବପାଟଣା, କାଇପୁଡ଼ିଆ, ଧୁରୁଷିଆ, କେଉଟପଡ଼ା, ଦ୍ୱାରବତିପୁର, ମହାଳପଡ଼ା, ବିଦ୍ୟାଧରପୁର, କନ୍ଦରପୁର, ରାଧାଶ୍ୟାମପୁର ଏବଂ ଘଣ୍ଟିଖାଲ ଲଉଡ଼ି ସଂଘ ଦ୍ୱାରା ପ୍ରତି ବର୍ଷ ପରି ଚଳିତ ବର୍ଷ ବାବା ଧବଳେଶ୍ୱର ପୀଠରେ ଲଉଡ଼ି ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ବାବା ଧବଳେଶ୍ୱରଙ୍କ ପୂଜକମାନଙ୍କ ସମେତ ଯାଦବ ମହାସଂଘର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ବର୍ଷା ହେଲେ ବଡ଼ଦାଣ୍ଡରେ ଭାସୁଛି ପଙ୍କ : ନଳା ପାଣି ମାଡ଼ି ଶ୍ରୀମନ୍ଦିର ଗଲେ ଭକ୍ତ

ପୁରୀ,୨୬/୦୩ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିରସମ୍ମୁଖରେ ଭାସୁଥିଲା ନଳା ପାଣି । ସେହି ନଳାପାଣି ମାଡ଼ି ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଯାଉଥିଲେ ହଜାର ହଜାର ଶ୍ରଦ୍ଧାଳୁ । ଘଣ୍ଟାଘଣ୍ଟା ଧରି ଏଭଳି ସ୍ଥିତି ଲାଗିରହିଥିଲା । ମଙ୍ଗଳବାର ସକାଳେ ଏଭଳିଦୃଶ୍ୟ ଦେଖିବାକୁ ମିଳିଥିଲା ଶ୍ରୀମନ୍ଦିର ନିକଟରେ । ଶ୍ରେଷ୍ଠଧାମ ଶ୍ରୀକ୍ଷେତ୍ରକୁ ସ୍ୱଚ୍ଛ, ସୁନ୍ଦର ଓ ପବିତ୍ରତାରେ ପରିପୂର୍ଣ୍ଣ କରିବା ପାଇଁ ପବିତ୍ର ପୁରୀର ସ୍ଲୋଗାନ ଖୋଦ ଶ୍ରୀମନ୍ଦିର ସମ୍ମୁଖରେ ବିଫଳ ଅନୁଭବ ହୋଇଥିଲା । ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ସ୍ୱଚ୍ଛ ରଖିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଶ୍ରୀମନ୍ଦିର ସମ୍ମୁଖରେ ନଳା ପାଣି ଭାସିବା ଭକ୍ତଙ୍କ ମନକୁ କଷ୍ଟ ଦେଇଥିଲା । ନଳା ପାଣିକୁ ତୁରନ୍ତ ସଫା କରିବା ପାଇଁ ଭକ୍ତମାନେ ଦାବି କରିବା ପରେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ପିଏସ୍‌ଆଇଏଲ୍ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ପରଖି ଥିଲା । ପରିକ୍ରମା ମାର୍ଗ ତଳ ଦେଇ ଯାଇଥିବା ନାଳ ଜାମ୍ ହୋଇଥିବାରୁ ପାଣି ଭାସୁଥାଇପାରେ ବୋଲି ସନ୍ଦେହ କରି ନଳାରୁ ପଙ୍କ କଢ଼ାଯାଇଥିଲା । ପରେ ଅଗ୍ନିଶମ ବିଭାଗର କର୍ମଚାରୀ ଟ୍ୟାଙ୍କର ଯୋଗେ ପାଣି ପକାଇ ସିଂହଦ୍ୱାର ସମ୍ମୁଖରୁ ଏହି ନଳା ପାଣିକୁ ସଫା କରିଥିଲେ । ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ସଫେଇ ଦାୟିତ୍ୱ ଏକ ଘରୋଇ ସଂସ୍ଥା ନେଇଥିବାରୁ ଏହା ପୌରପାଳିକା ଅଧୀନରେ ଆସୁନାହିଁ ବୋଲି ପୁରୀ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି । ଶ୍ରୀମନ୍ଦିର ସମ୍ମୁଖରେ ନଳା ପାଣି ଭାସୁଥିବା ନେଇ ତାଙ୍କ ନିକଟକୁ ଅଭିଯୋଗ ଆସିବାପରେ ସେ ଏ ସମ୍ପର୍କରେ ସଫେଇ ଦାୟିତ୍ୱରେ ଥିବା ସଂସ୍ଥାକୁ ଅବଗତ କରାଇଥିବା କହିଛନ୍ତି । ପିଏସ୍‌ଆଇଏଲ୍ ପରିଚାଳକ କିରଣ କୁମାର ଜେନା କହିଛନ୍ତି, ସୋମବାର ରାତିରେ ପ୍ରବଳ ବର୍ଷା ହୋଇଥିବାରୁ ମନ୍ଦିର ପାଖ ସାହିରୁ ବର୍ଷା ପାଣି ଗଡ଼ି ଏଠାରେ ଜମିଥିଲା । ଏହା ନଳା ପାଣି ନୁହେଁ । ତେବେ କାଳେ ଏହା ନଳା ପାଣି ହୋଇଥିବ ବୋଲି ସନ୍ଦେହ କରି ଯନ୍ତ୍ରୀଙ୍କ ଉପସ୍ଥିତିରେ ସ୍ଲାବଖୋଲି ନଳାରୁ ପଙ୍କ କଢ଼ାଯାଇଛି । ନିକଟରେ ହୋଇଥିବା ବର୍ଷାରେ ପୁରୀ ବଡ଼ଦାଣ୍ଡରେ କୁଡ଼କୁଡ଼ ପଙ୍କ ଭାସୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା । ସୋମବାର ରାତିରେ ହୋଇଥିବା ବର୍ଷାରେ ମଧ୍ୟ କେତେକ ସ୍ଥାନରେ ନଳାରୁ କଢ଼ାଯାଇ ଦାଣ୍ଡରେ ଥୁଆଯାଇଥିବା ପଙ୍କ ଭାସିଥିଲା । ବର୍ଷା ଯୋଗୁ ବଳଗଣ୍ଡି ସମେତ ବଡ଼ଦାଣ୍ଡର ଅନ୍ୟ କେତେକ ସ୍ଥାନରେ ପାଣି ଜମିବା ସ୍ଥିତି ଉପୁଜିଥିଲା । ସୂଚନାଥାଉକି, ପୁରୀ ପୌରାଞ୍ଚଳର ଜଳ ନିଷ୍କାସନ ବ୍ୟବସ୍ଥାକୁ ଉନ୍ନତ କରିବାପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଛି । ଏଥିପାଇଁ ସମୁଦାୟ ୫ କୋଟି ଟଙ୍କା ମଞ୍ଜୁର ହୋଇଛି । ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ କ୍ରମେ ୨୦୨୪-୨୫ ଆର୍ଥିକ ବର୍ଷପାଇଁ ସ୍ୱତନ୍ତ୍ର ଡ୍ରେନେଜ୍ ମାଷ୍ଟର ପ୍ଲାନ ପାଇଁ ୨କୋଟି ପ୍ରଦାନ କରାଯାଇଛି । ଅନ୍ୟପକ୍ଷରେ ବର୍ଷା ଋତୁରେ ପୌରାଞ୍ଚଳରେ ହେଉଥିବା ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ସ୍ଥାନଗୁଡ଼ିକୁ ଚିହ୍ନଟ କରି ତା'ର ପ୍ରତିକାର ନିମନ୍ତେ ଚଳିତ ଆର୍ଥିକ ବର୍ଷରେ ପୁରୀକୁ ୩ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ମହଙ୍ଗା ପଡ଼ିଲା ଅଦାଲତଙ୍କ ସମୟ ନଷ୍ଟ କରିବା : ପୋଷା କୁକୁର ମାଲିକଙ୍କୁ ଜରିମାନା

କଟକ, ୨୬/୩ ନ୍ୟୁଜ ବ୍ୟୁରୋ

ମାଲିକଙ୍କୁ ମହଙ୍ଗା ପଡ଼ିଲା ଅଯଥାରେ ହାଇକୋର୍ଟଙ୍କ ସମୟ ନଷ୍ଟ କରିବା । ପୋଷା କୁକୁର ମାଲିକଙ୍କ ଉପରେ ଜରିମାନା ଲଗାଇଲେ କଟକ ଉଚ୍ଚ ଅଦାଲତ । ଏକ ହଜାର ଟଙ୍କାର ଫାଇନ୍ ଭରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ସୂଚନା ଅନୁଯାୟୀ, ୨୦୨୩ ମସିହାରେ କଟକ ମହିଳା ଥାନାରେ ଏକ ଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଥିଲା । ପୋଲିସ ଏହା ଉପରେ ଆହ୍ୱାନ ନେଇ ସମସ୍ତ ଯୌତୁକ ସାମଗ୍ରୀ ଜବତ କରିଥିଲା । ହେଲେ ବୋହୂ ଘର ଛାଡ଼ିବା ବେଳେ ଶାଶୂ ଘରର ପୋଷା କୁକୁରକୁ ସାଙ୍ଗରେ ନେଇଯାଇଥିବା ଅଭିଯୋଗ ହୋଇଥିଲା । ନିଜ ପୋଷା କୁକୁରକୁ ଫେରାଇବାକୁ ତିଲୋତ୍ତମା ପଢିହାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ଏହି ମାମଲାକୁ ନେଇ ଉଚ୍ଚ ଅଦାଲତ ବିରକ୍ତି ପ୍ରକାଶ କରିଛନ୍ତି । ଅଯଥାରେ କୋର୍ଟଙ୍କ ସମୟ ନଷ୍ଟ କରିଥିବାରୁ ଆବେଦନ-କାରୀଙ୍କ ଉପରେ ଏକ ହଜାର ଟଙ୍କା ଜରିମାନା ଲଗାଇଛନ୍ତି । ଏହା ସହିତ ତୁରନ୍ତ ମାମଲା ପ୍ରତ୍ୟାହାର କରି ଧାର୍ଯ୍ୟ ସମୟ ଭିତରେ ଫାଇନ୍ ଭରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଆଜି ବିଧାନସଭା ଘେରାଉ ଟ୍ରାଫିକ୍ ସମସ୍ୟା ସୃଷ୍ଟି ଆଶଙ୍କା

ଭୁବନେଶ୍ୱର,୨୬/୦୩:ନ୍ୟୁଜ ବ୍ୟୁରୋ

ଗୁରୁବାର ଦିନ ରାଜ୍ୟ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ସହ ଏହାର ଆଖପାଖ ଅଞ୍ଚଳରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସହର ଏବଂ ଏହାର ଆଖପାଖରେ ବିଶେଷ କରି ରାଜମହଲ ଛକରୁ ରୁପାଲି ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତାରେ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବାର ଆଶଙ୍କା କରାଯାଉଛି । ତେଣୁ ଟ୍ରାଫିକ୍ ସମସ୍ୟା ଏଡ଼ାଇବା ନିମନ୍ତେ କମିଶନରେଟ୍ ପୁଲିସ ପକ୍ଷରୁ ରାଜମହଲ ଛକରୁ ରୁପାଲି ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ରାସ୍ତାରେ ନଯାଇ ଅନ୍ୟ ରାସ୍ତା ଦେଇଯିବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

୨୦୨୪-୨୫ ଆର୍ଥିକ ବର୍ଷରେ 'ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି' ମାଧ୍ୟମରେ ୫୦ କୋଟି ଅର୍ଥ ବ୍ୟବସ୍ଥା

ଭୁବନେଶ୍ୱର,୨୬/୦୩
ନ୍ୟୁଜ ବ୍ୟୁରୋ

କେନ୍ଦୁପତ୍ର ହିତାଧିକାରୀମାନଙ୍କ କଲ୍ୟାଣ ପାଇଁ ଆମ ସରକାର ୨୦୨୪ କେନ୍ଦୁପତ୍ର ଶସ୍ୟ ବର୍ଷ ପାଇଁ ୮,୫୯,୪୪୯ ଜଣ କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ଶତକଡା ୨୫ ହାରରେ ୫୨.୬୩ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିବାପାଇଁ ଘୋଷଣା କରିଛନ୍ତି । ୮,୫୯,୪୪୯ ଜଣ ତୋଳାଳୀଙ୍କ ମଧ୍ୟରୁ ୮୩.୯୨% ମହିଳା ଅଟନ୍ତି ।

ସେହିପରି ୨୦,୫୦୨ ଜଣ କେନ୍ଦୁପତ୍ର ବନ୍ଧେଇ ଶ୍ରମିକମାନଙ୍କୁ ଶତକଡା ୫ ହାରରେ ୧.୯୪ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଏବଂ ୧୬,୭୫୪ ଜଣ କେନ୍ଦୁପତ୍ର ସାମୟିକ କର୍ମଚାରୀମାନଙ୍କୁ ଶତକଡା ୫ ହାରରେ ୪.୯୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାପାଇଁ ଆମ ସରକାର ଘୋଷଣା କରିଛନ୍ତି । ଉପରୋକ୍ତ ଲାଭାଂଶକୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ (ଡିବିଟି) ମାଧ୍ୟମରେ ପ୍ରଦାନ କରାଯାଉଅଛି ।

ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନାର ସଫଳ ରୂପାୟନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ "ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି" ମାଧ୍ୟମରେ ୫୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଅଛି ।

ସ୍ୱାସ୍ଥ୍ୟସେବା ପାଉନାହାନ୍ତି ମହିଳା : ୪୦% ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗରେ ବିଶେଷଜ୍ଞ ପଦବୀ ଖାଲି



ଭୁବନେଶ୍ୱର,୨୬/୦୩
ନ୍ୟୁଜ ବ୍ୟୁରୋ

ରାଜ୍ୟରେ ୪୦% ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଡାକ୍ତର ପଦବୀରେ ବିଶେଷଜ୍ଞ ନାହାନ୍ତି । ୫୮୪ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରେ ୩୫୧ ଜଣ ବିଶେଷଜ୍ଞ ରହିଥିଲା ବେଳେ ୨୩୩ ଖାଲି ପଡ଼ିଛି । ଫଳରେ ଉପଯୁକ୍ତ ଚିକିତ୍ସା ନପାଇ ମହିଳା ଛଟପଟ ହେଉଛନ୍ତି । ସ୍ତ୍ରୀ ରୋଗ ଓ ପ୍ରସୂତି ଜନିତ ସମସ୍ୟା ହେଲେ କେଉଁ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ପାଖକୁ ଯିବେ ବୋଲି ବାଉଳା ହେଉଛନ୍ତି । ଫଳରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି । ନୟାଗଡ଼ ଜିଲ୍ଲାରେ କିଶୋରୀ ଓ ମହିଳା ରୋଗ ଯନ୍ତ୍ରଣାରେ କଳବଳ ହେଉଛନ୍ତି । ଜିଲ୍ଲାରେ ଜଣେ ହେଲେ ବିଶେଷଜ୍ଞଙ୍କୁ ନିଯୁକ୍ତି କରିପାରିନାହାନ୍ତି ରାଜ୍ୟ ସରକାର । ଜିଲ୍ଲାରେ ୧୬ ମଞ୍ଜୁରୀପ୍ରାପ୍ତ ପଦବୀରେ ଶୂନ୍ୟ ପଡ଼ିଛି ବିଶେଷଜ୍ଞଙ୍କ ସଂଖ୍ୟା । ରାୟଗଡ଼ାରେ ସେହି ସମାନ ସ୍ଥିତି । ସେଠାରେ ୧୮ ପଦବୀରେ ୧୩ ଜଣ ବିଶେଷଜ୍ଞ ନାହାନ୍ତି । ମାଲକାନଗିରି ଜିଲ୍ଲାରେ ୧୫ରୁ ୧୦ ପଦବୀ ଖାଲି ପଡ଼ିଛି । କନ୍ଧମାଳରେ ୨୧ ପଦବୀରେ ୧୪ ବିଶେଷଜ୍ଞ ପଦ ଶୂନ୍ୟ । କେନ୍ଦୁଝରରେ ୨୪ ସ୍ଥାନରେ ଅଛନ୍ତି ୧୫ ଡାକ୍ତର ଓ ଖାଲି ପଡ଼ିଛି ୧୧ ପଦବୀ । ନୂଆପଡ଼ାରେ ୧୨ରୁ ଖାଲିପଡ଼ିଛି ୭ ପଦବୀ । ବୌଦ୍ଧରେ ୧୦ରୁ ୭ ପଦବୀ ଫାଙ୍କା ରହିଛି । କୋରାପୁଟ୍‌ରେ ୨୧ରୁ ୯ ପଦବୀରେ କେହିନାହାନ୍ତି । ମୟୂରଭଞ୍ଜ ଭଳି ବଡ଼ ଜିଲ୍ଲାରେ ୩୯ ବିଶେଷଜ୍ଞ ପଦବୀରୁ ୧୧ରେ କେହିନାହାନ୍ତି । ଅନୁଗୁଳରେ ୧୮ ପଦବୀରେ ୧୧ ଜଣ ଅଛନ୍ତି ଏବଂ ୭ ଖାଲିପଡ଼ିଛି । ସେହିପରି ବାଲେଶ୍ୱର ୩, ବରଗଡ଼ରେ ୧, ବଲାଙ୍ଗିରରେ ୧୨, କଟକରେ ୫, ଦେବଗଡ଼ରେ ୭, ଢେଙ୍କାନାଳରେ ୬, ଗଞ୍ଜାମରେ ୧୪ ପଦବୀ ଖାଲି ପଡ଼ିଛି । ଯାଜପୁର ୧, କଳାହାଣ୍ଡିରେ ୨୫ରୁ ୧୫, କେନ୍ଦ୍ରାପଡ଼ାରେ ୫, ଖୋର୍ଦ୍ଧାରେ ୫ ପଦବୀ ଫାଙ୍କା । ଏହାଛଡ଼ା ପୁରୀରେ ୯, ସମ୍ବଲପୁରରେ ୬, ସୁବର୍ଣ୍ଣପୁରରେ ୧, ସୁନ୍ଦରଗଡ଼ରେ ୧୦ ପଦବୀ ଖାଲିପଡ଼ିଛି ।

ଭୁବନେଶ୍ୱର : ବିଧାନସଭା ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ ବଳପୂର୍ବକ ଉଠାଇ ନେଉଛନ୍ତି । (ଫଟୋ : ସମ୍ବାଦ କଳିକା)

ମାଗିଥିଲେ ୧୦ ହଜାର, ନେଉଥିଲେ ୬ ହଜାର : ଭିଜିଲାନ୍ସ ହାତରେ ଧରାପଡ଼ିଲେ

ସୁନ୍ଦରଗଡ଼ ୨୬।୩
ନ୍ୟୁଜ ବ୍ୟୁରୋ

ଲାଞ୍ଚ ନେଇ ଧରାପଡିଲେ ତହସିଲ ଅମିନ । ସୁନ୍ଦରଗଡ଼ କୁତ୍ରା ତହସିଲ ଅମିନ ଶିଶିର କୁମାର ନାଏକ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଟିମ୍ ଧରିଛନ୍ତି । ଜମି ପଟ୍ଟା କରାଇ ଦେବାକୁ ଲାଞ୍ଚ ନେବା ବେଳେ ସେ ଧରାପଡ଼ିଛନ୍ତି । ତେବେ ପଟ୍ଟା କରାଇ ଦେବାକୁ ଅମିନ ଜଣକ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ହେଲେ ଏତେ ଟଙ୍କା ଦେଇ ପାରିବେନି ବୋଲି ଅଭିଯୋଗକାରୀ କହିଥିଲେ । ପରେ ୬ ହଜାର ଟଙ୍କାରେ କଥା ଫାଇନାଲ ହୋଇଥିଲା । ବୁଧବାର ଲାଞ୍ଚ ନେବା ବେଳେ ଅମିନଙ୍କୁ ଧରିଥିଲା ଭିଜିଲାନ୍ସ ବିଭାଗ । ତାଙ୍କ ନିକଟରୁ ଭିଜିଲାନ୍ସ ଟିମ୍ ୬ ହଜାର ଟଙ୍କା ଜବତ କରିଛି । ସୂଚନାଯୋଗ୍ୟ ଯେ, ପୈତୃକ ଜମିକୁ ଭାଗ କରିବା ପାଇଁ କୋର୍ଟରେ ଆବେଦନ ହୋଇଥିଲା ପାର୍ଟିସନ । କୋର୍ଟ ଆବେଦନକୁ ଗ୍ରହଣ କରି ସ୍କେଚ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ କୁତ୍ରା ତହସିଲକୁ ନିର୍ଦ୍ଦେଶ ଦେଇଥିଲେ । କୁତ୍ରା ତହସିଲଦାର ଅମିନ ଶିଶିର କୁମାର ନାଏକଙ୍କୁ ସ୍କେଚ୍ ମ୍ୟାପ୍ ପ୍ରସ୍ତୁତ ପାଇଁ ଦାୟିତ୍ୱ ଦେଇଥିଲେ । ଅମିନ ଶିଶିର କୁମାର ନାଏକ ସ୍କେଚ୍ ମ୍ୟାପ୍ ପ୍ରସ୍ତୁତ ପାଇଁ ୧୦ ହଜାର ଟଙ୍କା ମାଗିଥିଲେ । ଶେଷରେ ୬ ହଜାର ଟଙ୍କାର ଚୁକ୍ତି ହୋଇଥିଲା । ଚୁକ୍ତି ହେବା ପରେ ବାରମ୍ବାର ଦଉଡ଼ାଇଥିଲେ ତହସିଲ ଅଫିସ । ଶେଷରେ ବିଶ୍ରାମ ଓରାମ ନେଇଥିଲେ ରାଉରକେଲା ଭିଜିଲାନ୍ସର ସହାୟତା । ବୁଧବାର କାର୍ଯ୍ୟାଳୟରେ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡ଼ିବସିଲା ଭିଜିଲାନ୍ସ । ଅମିନ ଶିଶିର କୁମାର ନାଏକଙ୍କ କାର୍ଯ୍ୟାଳୟ ସହ ପୈତୃକ ଘର ସୁନ୍ଦରଗଡ଼ ସଦର ଥାନା ମହୁଲପାଲ୍ଲୀରେ ଭିଜିଲାନ୍ସ ଯାଞ୍ଚ କରୁଛି ।

वित्त मंत्रालय
MINISTRY OF FINANCE

ଜିଏସ୍‌ଟି କରଦାତା
ଧ୍ୟାନ ଦିଅନ୍ତୁ !

କରଦାତା ଯାହାଙ୍କର ମୋଟ ବାର୍ଷିକ କାରବାର# ଏକ ନିର୍ଦ୍ଦିଷ୍ଟ ସୀମା* ପର୍ଯ୍ୟନ୍ତ ସେମାନେ ମାର୍ଚ୍ଚ ୩୧, ୨୦୨୫ ପର୍ଯ୍ୟନ୍ତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଜିଏସ୍‌ଟି କମ୍ପୋଜିସନ୍ ସ୍କିମ୍ ବାଛିପାରିବେ ।

ଯୋଗ୍ୟ କରଦାତା, ଯେଉଁମାନେ କମ୍ପୋଜିସନ୍ ସ୍କିମ୍ ପାଇବାକୁ ଇଚ୍ଛୁକ, ସେମାନେ ନିମ୍ନଲିଖିତ ପ୍ରକ୍ରିୟା ଦ୍ୱାରା ଜିଏସ୍‌ଟି ପୋର୍ଟାଲ୍ (www.gst.gov.in)ରେ କମ୍ପୋଜିସନ୍ ସ୍କିମ୍ ବାଛିପାରିବେ:

କରଦାତା ଏଣ୍ଟରପେସ୍‌ରେ ଲଗ୍ ଇନ୍ କରନ୍ତୁ
'Service > Registration > Application to Opt for Composition Levy'କୁ ଯାଆନ୍ତୁ
ଫର୍ମ ଜିଏସ୍‌ଟି ସିଏମ୍‌ପି-୦୨ ପୂରଣ କରି ଜମା କରନ୍ତୁ

ପୂର୍ବରୁ କମ୍ପୋଜିସନ୍ ସ୍କିମ୍ ଲାଭ କରୁଥିବା ଯୋଗ୍ୟ କରଦାତାଙ୍କୁ ଫର୍ମ GST CMP-02 ଦାଖଲ କରିବାକୁ ପଡିବ ନାହିଁ ।

ସହଜ ଏବଂ ସୁବିଧାଜନକ ଅନୁପାଳନ
ଆକର୍ଷଣୀୟ କର ହାର
ସର୍ବନିମ୍ନ ଅନୁପାଳନ ଆବଶ୍ୟକତା
ସ୍ୱୟଂ-ନବୀକରଣ ଏବଂ ଯୋଜନାର ସହଜ ବାତିଲକରଣ
ସାମଗ୍ରୀ ଏବଂ ସେବା ଯୋଗାଣକାରୀଙ୍କ ପାଇଁ ଉପଲବ୍ଧ
କମ୍ ବହି ଖାତା ଆବଶ୍ୟକତା

* ଯୋଗାଣକାରୀଙ୍କ ପ୍ରକାର		# ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ବାର୍ଷିକ କାରବାର
ସାମଗ୍ରୀ ଯୋଗାଣକାରୀ	୦୮ ନିର୍ଦ୍ଦିଷ୍ଟ ରାଜ୍ୟରେ ପଞ୍ଜିକୃତ କରଦାତା	₹ ୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ
	ଅନ୍ୟ ରାଜ୍ୟରେ ପଞ୍ଜିକୃତ କରଦାତା	₹ ୧୫୦ ଲକ୍ଷ ପର୍ଯ୍ୟନ୍ତ
ସେବା ଯୋଗାଣକାରୀ		₹ ୫୦ ଲକ୍ଷ ପର୍ଯ୍ୟନ୍ତ

ଅଧିକ ବିବରଣୀ ପାଇଁ ଦୟାକରି ଜିଏସ୍‌ଟି ଆଇନର ଧାରା ୧୦, ସିଜିଏସ୍‌ଟି ନିୟମ ୩ ରୁ ୭ ଏବଂ ବିଜ୍ଞପ୍ତି ସଂଖ୍ୟା ୧୪/୨୦୧୯ - କେନ୍ଦ୍ରୀୟ ଟିକସ ତାରିଖ ୦୭.୦୩.୨୦୧୯ ଦେଖନ୍ତୁ ।

ଜିଏସ୍‌ଟି କମ୍ପୋଜିସନ୍ ସ୍କିମ୍: କ୍ଷୁଦ୍ର କରଦାତାଙ୍କ ପାଇଁ ବଡ଼ ଲାଭ

ଦୟାକରି ସ୍କାନ କରନ୍ତୁ

CBC 15502/13/0010/2425

କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ
@cbicindia @cbic_india @cbicindia @cbicindia @CBIC india